


■ଶ୍ରୀରାମ ନବମୀ ପାଳିତ

# ଉତ୍ସବମୁଖର ପରିବେଶ

ଭୁବନ/କାମାକ୍ଷାନଗର/ଭାପୁର, ୧୩।୪(ଡି.ଏନ.ଏ.)

ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଜନ୍ମଉତ୍ସବକୁ ନେଇ ସବୁଠି ଦେଖାଦେଇଛି ଆଧ୍ୟାତ୍ମିକ ବାତାବରଣ। ମଠମନ୍ଦିରରେ ଶ୍ରୀରାମ ନବମୀ ପାଳନକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖିବାକୁ ମିଳିଛି। ପୂଜାର୍ଚ୍ଚନା, ହୋମଯଜ୍ଞ, ରାମ ସହସ୍ରନାମ ସ୍ତୋତ୍ର, ନାମକୀର୍ତ୍ତନ ପରିବେଶକୁ ଭକ୍ତିମୟ କରିଦେଇଥିଲା।

ଭୁବନ ଶ୍ରୀରାମ ମନ୍ଦିରରେ ରାମନବମୀ ଉପଲକ୍ଷେ ଦିନତମାମ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା। ଏହି ଅବସରରେ ପରିଚାଳନା କମିଟି ପକ୍ଷରୁ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭଜନ ସନ୍ଧ୍ୟା ବେଶ୍ ଆକର୍ଷଣୀୟ ହୋଇଥିଲା।

ଶ୍ରୀରାମ ନବମୀ ଉପଲକ୍ଷେ କାମାକ୍ଷାନଗର ଅଞ୍ଚଳର ବିଭିନ୍ନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ମାଳପୁରା, ଅନନ୍ତପୁର, ଗାଲୁକାଟେଣୀସ୍ଥିତ ରାମମନ୍ଦିର ସମେତ ସବ୍‌ଜେଲ୍ ପରିସରରେ ଠାକୁରଙ୍କୁ ଦର୍ଶନ କରିବାକୁ ପ୍ରବଳ ଗହଳି ହୋଇଥିଲା। ଏହି ଅବସରରେ ପ୍ରାତଃରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିବାବେଳେ ହନୁମାନ ଚାଳିଶା ପାଠ କରାଯାଇଥିଲା। ପ୍ରତ୍ୟେକ ମନ୍ଦିରରେ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। ସନ୍ଧ୍ୟା ଆଳତି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ହଜାର ହଜାର ଭକ୍ତ ଭିଡ଼ ଜମାଇଥିଲେ।

ଭାପୁର ରଘୁନାଥଜୀଉ ମନ୍ଦିରରେ ଆନନ୍ଦ ଉଲ୍ଲାସର ସହ ରାମ ଜନ୍ମ ଉତ୍ସବ ପାଳିତ ହୋଇଛି। ବେଗୁନିଆପାଳ ଗ୍ରାମରେ କଳସ ଯାତ୍ରା, ରାମଜନ୍ମ କଥା ସହ ଅଧିବାସ ଆୟୋଜନ କରାଯାଇଥିଲା। ଶିମିଳିପାଟଣା ଗ୍ରାମରେ ମେରୁଯାତ୍ରା ଉପଲକ୍ଷେ କାମନାକାଳିକା ପୀଠରେ ମାନସିକଧାରୀମାନେ ଧୂଳିଦଣ୍ଡ ପରିବେଷଣ କରିଥିଲେ। ଗ୍ରାମ ପୋଖରୀରେ ମା'ଙ୍କ ଜଳାଭିଷେକ କରାଯାଇ ପୀଠକୁ ଅଣାଯାଇଥିଲା। ଝାମୁଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ବ୍ରତଧାରୀଙ୍କ ସମାଗମ ହୋଇଥିଲା। ପାନୀୟ ଜଳ ଯୋଗାଣ, ଯାନବାହନ ନିୟନ୍ତ୍ରଣ କରିବାକୁ ଗ୍ରାମ ଯୁବକ ସଂଘ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।

## ଶ୍ରୀଜୀଉଙ୍କ ରାଜାରାଜେଶ୍ୱର ବେଶ

ଢେଙ୍କାନାଳ ଅଫିସ, ୧୩।୪

ଢେଙ୍କାନାଳର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟା ପୀଠରେ ଶନିବାର ଶ୍ରୀରାମ ନବମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପୀଠାଧୀଶ ମହାପ୍ରଭୁ ଶ୍ରୀରାମ, ମାତା ସୀତା, ଲକ୍ଷ୍ମଣ ଏବଂ ଶ୍ରୀହନୁମାନଜୀଉଙ୍କ ସହ ରାଜାରାଜେଶ୍ୱର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ।

ପ୍ରବଳ ଗ୍ରୀଷ୍ମପ୍ରବାହ ଏବଂ ସାଧାରଣ ନିର୍ବାଚନ ଯୋଗୁ ପୀଠରେ ପୂର୍ବବର୍ଷ ଅପେକ୍ଷା କମ୍ ଜନସମାଗମ ହୋଇଥିଲା। ଠାକୁରଙ୍କ ନୀତିକାନ୍ତି, ପୂଜାର୍ଚ୍ଚନା ପରେ ସାମୂହିକ ପ୍ରସାଦ ସେବନରେ ବହୁ ଭକ୍ତ ସାମିଲ ହୋଇଥିଲେ। ରାମଚରିତ ମାନସ, ରାମାୟଣ ପାରାୟଣ ସହ ଶ୍ରୀହନୁମାନ ଚାଳିଶା ପାଠରେ ପୀଠ ପରିସର ପ୍ରକମ୍ପିତ ହୋଇଉଠିଥିଲା। ହୋମଯଜ୍ଞ, ହରିବୋଲ ହୁଳହୁଳିରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଦେବୋତ୍ତର ବିଭାଗ ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ କର୍ମଚାରୀଙ୍କ ସହ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭୁବନ ଶ୍ରୀରାମ ମନ୍ଦିରରେ ଠାକୁରଙ୍କ ବେଶ।



ସପ୍ତଶଯ୍ୟା ପୀଠରେ ରାଜାରାଜେଶ୍ୱର ବେଶରେ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ।

# ନବଜାତ ଶିଶୁର ମୃତଦେହ ଉଦ୍ଧାର

ଭୁବନ, ୧୩।୪(ଡି.ଏନ.ଏ.)

ଭୁବନ ଥାନା ଭୁଷଳ-କିଙ୍ଗୋଳ ଅସୁରବନ୍ଧ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପାର୍ଶ୍ୱରୁ ଶନିବାର ଏକ ନବଜାତ ଶିଶୁପୁତ୍ରର ମୃତଦେହ ପୋଲିସ ଉଦ୍ଧାର କରିଛି। ରାସ୍ତାକଡ଼ରେ ନବଜାତକର ମୃତଦେହ ପଡ଼ିଥିବା ଦେଖି ଅଞ୍ଚଳବାସୀ ରୁଣ୍ଡ ହୋଇଯାଇଥିଲେ। ସୂଚନାପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତ ଶିଶୁପୁତ୍ର ଅସୁରବନ୍ଧ ଗ୍ରାମର ସୁବାସ ଚନ୍ଦ୍ର ବେହେରାଙ୍କର ବୋଲି ଜଣାପଡ଼ିଛି। ସୁବାସଙ୍କ ସ୍ତ୍ରୀ ଶୁକ୍ରବାର ମୃତ ଶିଶୁପୁତ୍ର ଜନ୍ମ ଦେଇଥିଲେ। ସେ ମୃତଦେହ ରାସ୍ତାରେ ପକାଇ ଦେଇଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।




ଟେଣ୍ଡର ବିଜ୍ଞପ୍ତି

୦୧ ମୋଟରସାଇକେଲ ଏବଂ ୦୨ ସ୍କୁଟର୍‌ର ସ୍କ୍ରାପିଂ

ସମସ୍ତ ଗାଡ଼ି ଭୁବନେଶ୍ୱରଠାରେ ଅବସ୍ଥିତ

ତଦାରଖ ତାରିଖ: 17.04.2019

ଜଉମୁଦଦିଆ କୋଟେଶନ୍ ପ୍ରଶାସନିକ ବିଭାଗ ନିକଟକୁ ନିମ୍ନପ୍ରଦତ୍ତ ଠିକଣାରେ ପଠାଯାଇପାରିବ।

ଠିକଣା: 4ର୍ଥ ମହଲା, କ୍ରିଏଟିଭ୍ ପ୍ଲାଜା, ରସୁଲଗଡ଼ ଛକ, ଭୁବନେଶ୍ୱର - 751010

ଅଧିକ ବିବରଣୀ ପାଇଁ କଲ୍ କରନ୍ତୁ: 9078000302

ପୂର୍ବ ତଟ ରେଳପଥ

ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ
10 (ଦଶ) ଗୋଟି 'E' ବର୍ଗର ଷ୍ଟେସନ ରେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି

ସଂ.C/SBP/E.Catg.Stn/19 ତାରିଖ : 09.04.2019

ପୂର୍ବ ତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ମଣ୍ଡଳର ନିମ୍ନଲିଖିତ 10 (ଦଶ) ଗୋଟି 'E' ବର୍ଗର ଷ୍ଟେସନରେ 3 (ତିନି) ବର୍ଷ ସମୟାବଧି ନିମନ୍ତେ କମିଶନ ଭିତ୍ତିରେ କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକଟ ପ୍ରଣାଳୀ (UTS) ମାଧ୍ୟମରେ ଅଣସଂରକ୍ଷିତ ଟିକଟ ବିକ୍ରୟ ପାଇଁ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆବଶ୍ୟକୀୟ ସର୍ତ୍ତ ପୂରଣ କରୁଥିବା ଆଗ୍ରହୀ ବ୍ୟକ୍ତିବିଶେଷମାନେ ନିର୍ଦ୍ଧାରିତ ଫର୍ମାଟ୍‌ରେ ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ସମ୍ବଲପୁର ମଣ୍ଡଳଙ୍କ ନିକଟରେ ଆବେଦନ କରି ପାରିବେ।

"E" ବର୍ଗ ଷ୍ଟେସନ ଗୁଡ଼ିକର ନାମ (1) ତୁରେକେଲା ରୋଡ଼, (2) ଲଖନା, (3) ଜରପଡ଼ା, (4) ମୁରିବାହାଲ, (5) ବାମୁର୍, (6) ମାନେଶ୍ୱର, (7) ଅତାବିରା, (8) କୋମାଖାନ୍, (9) ନୁଆପଡ଼ା ରୋଡ଼ ଏବଂ (10) ଲପଙ୍ଗା।

ପ୍ରଦାନଯୋଗ୍ୟ କମିଶନ :
ଯୋଗ୍ୟତାର ସର୍ତ୍ତାବଳୀ ପୂରଣ କରୁଥିବା ଆବେଦନକାରୀ ମାନଙ୍କୁ ଏବଂ ସର୍ବନିମ୍ନ କମିଶନ (4% କମିଶନ ସ୍ଲାବ୍‌ରେ) ପସନ୍ଦ କରିଥିବା ପ୍ରାର୍ଥୀ ମାନଙ୍କୁ STBA ରୂପେ ଚୟନ କରାଯିବ।

କମିଶନର ଦେୟ ନିମ୍ନାନୁଯାୟୀ ହେବ :
ସ୍ଲାବ୍-1 : • ₹ 1 ରୁ ₹ 15,000/- ପର୍ଯ୍ୟନ୍ତ : 15% (ସର୍ବନିମ୍ନ ₹ 500/-) • ସ୍ଲାବ୍-2 : ₹ 15,001 ରୁ ₹ 50,000/- ପର୍ଯ୍ୟନ୍ତ : 12%, ସ୍ଲାବ୍-3 : • ₹ 50,001 ରୁ ₹ 1,00,000/- ପର୍ଯ୍ୟନ୍ତ : 9%, • ସ୍ଲାବ୍-4 : ₹ 1,00,001 ଏବଂ ଏହା ଠାରୁ ଅଧିକ : 4% କିମ୍ବା ସୂଚିତ କରାଯାଇଥିବା ସର୍ବନିମ୍ନ ପ୍ରତିଶତ
ଆବେଦନକାରୀଙ୍କୁ 4% କମିଶନ ସ୍ଲାବ୍‌ରେ 0% ରୁ 4% ମଧ୍ୟରେ କମିଶନର ପ୍ରତିଶତ ସୂଚିତ କରିବାକୁ ହେବ। କୌଣସି ନାକାରାତ୍ମକ ବିଡ଼୍‌କୁ ବିଚାରକୁ ନିଆଯିବ ନାହିଁ।
ଆବେଦନକାରୀ କମିଶନକୁ କେବଳ ଦୁଇ ଦଶମିକ ଚିହ୍ନ ପର୍ଯ୍ୟନ୍ତ ଭଗ୍ନାଂଶରେ ସୂଚିତ କରିପାରିବେ।
ସବିଶେଷ ବିବରଣୀ ପୂର୍ବ ତଟ ରେଳପଥର ୱେବ୍‌ସାଇଟ୍ ରୁ ଅର୍ଥାତ୍ www.eastcoastrail.indianrailways.gov.in ରୁ ଉପଲବ୍ଧ ହୋଇପାରିବ ଏବଂ ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ପୂର୍ବ ତଟ ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରୁ ଯେକୌଣସି କାର୍ଯ୍ୟ ଦିବସର 1030 ଘଟିକାରୁ 1800 ଘଟିକା ମଧ୍ୟରେ ମିଳିପାରିବ।
ଆବେଦନ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ ଓ ସମୟ : ତା 07.05.2019 ରିଖର 1530 ଘଟିକା
ଉପରୋକ୍ତ ସମୟାବଧି ପରେ ପହଞ୍ଚିଥିବା ଆବେଦନପତ୍ର କିମ୍ବା କୌଣସି ପ୍ରକାର ଅସମ୍ପୂର୍ଣ୍ଣ ଆବେଦନପତ୍ରକୁ ଗ୍ରହଣ/ବିଚାରକୁ ନିଆଯିବ ନାହିଁ ଏବଂ ଏ ବାବଦରେ କୌଣସି ପତ୍ରାଳାପ କରାଯିବ ନାହିଁ।

PR-26/K/19-20 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର




## ବଳରାମ ମନ୍ଦିରରେ ଶ୍ରୀରାମ ନବମୀ



ଢେଙ୍କାନାଳ ଅଫିସ,୧୩।୪

ଢେଙ୍କାନାଳ ସହରସ୍ଥିତ ବଳରାମ ମନ୍ଦିର ପରିସରରେ ଶନିବାର ଦ୍ୱାଦଶ ବାର୍ଷିକ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ଶ୍ରୀରାମ ସେବା ସଦନ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରାତଃ ସାଢ଼େ ୫ଟାରେ ସୂର୍ଯ୍ୟପୂଜା ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ସାଢ଼େ ୬ଟାରେ ମଙ୍ଗଳାରୋପଣ, ୭ଟାରେ ରାମାୟଣ ପାଠ, ୯ଟାରେ ରାଜରାଜେଶ୍ୱର ବେଶ, ମଧ୍ୟାହ୍ନରେ ରାମ ଅଭିଷେକ ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ସତ୍‌ସଙ୍ଗ ଏବଂ ଭବ୍ୟ ଆଳତି ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

କୈବଲ୍ୟ ବଜାରସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଶନିବାର ବାସନ୍ତିକ ନବରାତ୍ର ମହୋତ୍ସବ ଉଦ୍‌ଯାପିତ ହୋଇଛି। ଶେଷ ଦିବସରେ ରାମ ଜନ୍ମନୀତି ଯଥାବିଧି ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୯ଟାରେ ଯଜ୍ଞଆରମ୍ଭ ହୋଇ ମଧ୍ୟାହ୍ନ ସାଢ଼େ ୧୨ଟାରେ ପୂର୍ଣ୍ଣାହୁତି ହୋଇଥିଲା। ଅପରାହ୍ନ ୧ଟା ପରେ ସାମୂହିକ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାଖାର ଭାରତୀ ପଟ୍ଟନାୟକ, ଅଞ୍ଜଳି ଶତପଥୀ, ମଞ୍ଜୁଳିକା ପାଲ, ଶିବପ୍ରସାଦ ଶତପଥୀ, ସନ୍ତୋଷ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ଦେବରାଜ ସାହୁ, ସନାତନ ସାହୁ, ପ୍ରେମାନନ୍ଦ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି କୁଞ୍ଜକାନ୍ତ ପୋଖରୀ ନିକଟ ରଘୁନାଥ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ହୋମଯଜ୍ଞ, ରାମାୟଣ, ଶ୍ରୀ ହନୁମାନ ଚାଳିଶା ପାଠ, ପ୍ରସାଦ ସେବନରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।



## ସାପ୍ତାହିକ କାର୍ଯ୍ୟକ୍ରମ

**୧୪।୪।୧୯**

**ଢେଙ୍କାନାଳ**

■ ବ୍ରଜନାଥ ବଡ଼ଜେନାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
ସ୍ଥାନ: ଅଭିନନ୍ଦନ ଗାର୍ଡେନ
ସମୟ: ସନ୍ଧ୍ୟା ୬ଟା।

**ଅନୁଗୋଳ**

■ ସାମ୍ବତ୍ସରିକ ଉତ୍ସବ ଓ ବିଷୁବ ମିଳନ-୨୦୧୯
ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ସମୟ: ପୂର୍ବାହ୍ନ ୧୦ଟା।

■ ମା' ବାସନ୍ତୀ ଦୁର୍ଗାପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର
ସ୍ଥାନ: ଅମଲାପଡ଼ା
ସମୟ: ପୂର୍ବାହ୍ନ ୯ ଟା।

■ ଅନୁଗୋଳ ନଗର କଂଗ୍ରେସ କମିଟି ଖବରଦାତା ସମ୍ମିଳନୀ
ସ୍ଥାନ: ପଞ୍ଚମହଲା
ସମୟ: ମଧ୍ୟାହ୍ନ ୧୨ଟା।

■ ଆମ ସଂସ୍କୃତି ପକ୍ଷରୁ ଓଡ଼ିଆ ନବବର୍ଷ ଉତ୍ସବ
ସ୍ଥାନ: ବିଜୁ ମଇଦାନ
ସମୟ: ସନ୍ଧ୍ୟା ୬ଟା।

**୧୫।୪।୧୯**

**ଢେଙ୍କାନାଳ**

■ କବି ରାଜକିଶୋର ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ
ସ୍ଥାନ: ଅଭିନନ୍ଦନ ଗାର୍ଡେନ
ସମୟ: ସନ୍ଧ୍ୟା ସାଢ଼େ ୫ଟା।

**ଅନୁଗୋଳ**

■ ମା' ବାସନ୍ତୀ ଦୁର୍ଗାପୂଜା ଭସାଣି ଯାତ୍ରା
ସ୍ଥାନ: ଅମଲାପଡ଼ା
ସମୟ: ଅପରାହ୍ନ ୩ଟା।

**୧୬।୪।୧୯**

**ଅନୁଗୋଳ**

■ ରାମ ନବମୀ ଉତ୍ସବ
ସ୍ଥାନ: ସାନ୍ତରାପୁର
ସମୟ: ଅପରାହ୍ନ ୨ଟା।

■ ବାସନ୍ତୀ ଦୁର୍ଗା ପୂଜା ଭସାଣି ଯାତ୍ରା
ସ୍ଥାନ: ହୁଲୁରୁସିଂହା
ସମୟ: ଅପରାହ୍ନ ୩ଟା।

**୧୮।୪।୧୯**

**ଢେଙ୍କାନାଳ**

■ ବିଶ୍ୱ ଐତିହ୍ୟ ଦିବସ ଶୋଭାଯାତ୍ରା
ସ୍ଥାନ: ବଳରାମ ମନ୍ଦିର ପ୍ରାଙ୍ଗଣ
ସମୟ: ସକାଳ ୭ଟା।

## ସଂକ୍ଷେପରେ

### ଟ୍ରାକ୍ଟରରୁ ଖସିପଡ଼ି ଜଣେ ମୃତ

**ଭାପୁର,୧୩।୪(ଡି.ଏନ.ଏ.):** ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅଧୀନ ବେଗୁନିଆପାଳ ଗାଁ ନିକଟରେ ଶନିବାର ସଡ଼କ ଦୁର୍ଘଟଣା ଘଟିଛି। ପୁରୁଣାକଟକ-ସମ୍ବଲପୁର ରାସ୍ତାର ବଡ଼ନାଳ ପୋଲ ନିକଟରେ ଟ୍ରାକ୍ଟରରୁ ଖସିପଡ଼ି ଜଣେ ଶ୍ରମିକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ମହୁଲପୁଞ୍ଜି ଗାଁର ଗୋପାଳ ଦେହୁରୀ (୨୨)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ଚିକିତ୍ସାଳୟକୁ ପଠାଇଛି। ଟ୍ରାକ୍ଟର ଡ୍ରାଇଭରଙ୍କୁ ଅଟକ ରଖି ପୋଲିସ ତଦନ୍ତ ଚଳାଇଛି।

### ସାମାଜିକ କର୍ମୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ,୧୩।୪:** ଢେଙ୍କାନାଳ ସଦର ବ୍ଲକ୍ କାଙ୍କଡ଼ପାଳ ପଞ୍ଚାୟତ ନରଣପୁର ଗ୍ରାମର ସାମାଜିକ କର୍ମୀ ଆଦିତ୍ୟ ପ୍ରସାଦ ଦାଶ (୬୭)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସୂଚନା ପାଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଜଣେ ଧର୍ମପରାୟଣ ଏବଂ ପରୋପକାରୀ ବ୍ୟକ୍ତି ଭାବେ ଆଦିତ୍ୟ ଜଣାଶୁଣା ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

■ପ୍ରାର୍ଥୀଙ୍କ ଛାତିରେ ଛନକା

# ଖେଳ ବିଗାଡ଼ିବେ ଗୃହଶତ୍ରୁ

**ଢେଙ୍କାନାଳ ଅଫିସ, ୧୩।୪**

ସାଧାରଣ ନିର୍ବାଚନକୁ ନେଇ ଢେଙ୍କାନାଳ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ପ୍ରଚାର ମଇଦାନରେ ଶକ୍ତି ପ୍ରଦର୍ଶନ କରୁଥିବା ପ୍ରାର୍ଥୀ ବିଭିନ୍ନ ପ୍ରସଙ୍ଗକୁ ନେଇ ନିର୍ବାଚନ ବୈତରଣୀ ପାର ହେବାକୁ ଯଥାସାଧ୍ୟ ଉଦ୍ୟମ ଚଳାଇଛନ୍ତି। ଗୋଟିଏ ପଟେ ରାଜନୈତିକ ଦଳ ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା କରୁଥିବାବେଳେ ଅନ୍ତିମ କ୍ଷଣରେ ପ୍ରାର୍ଥୀଙ୍କୁ ଘାରିଛି ଗୃହଶତ୍ରୁ ଚିନ୍ତା। ଟିକେଟରୁ ବଞ୍ଚିତ ଅସନ୍ତୁଷ୍ଟମାନେ ନିଜ ଦଳ ପାଇଁ ବିପଜ୍ଜନକ ସାବ୍ୟସ୍ତ ହେବା ଆଶଙ୍କା ଦେଖାଦେଇଛି, ଯାହା ପ୍ରାର୍ଥୀଙ୍କ ବିଜୟ ପଥରେ କଣ୍ଟା ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

ଢେଙ୍କାନାଳ ବିଧାନସଭା ହେଉ କି ଲୋକ ସଭା ନିର୍ବାଚନମଣ୍ଡଳୀ, ଏଯାଏ ଦଳ ମଧ୍ୟରେ ଥମିନି ଟିକେଟ ବଣ୍ଟନକୁ ନେଇ ଆରମ୍ଭ ହୋଇଥିବା ଅସନ୍ତୋଷ। ଆଶାୟୀଙ୍କ ମନରୁ ଏଯାଏ ଯାଇନି କ୍ଷମତା ଲୋଭ। ଦଳୀୟ ମୁଖ୍ୟଙ୍କ ଭୟ, ରାଜନୈତିକ ଭବିଷ୍ୟତ ପାଇଁ କେହି ଖୋଲାଖୋଲି ବିରୋଧ କରୁ ନ ଥିଲେ ମଧ୍ୟ ସମସ୍ତେ ସୁଯୋଗ ଉଣ୍ଡି ରହିଛନ୍ତି। ଅସନ୍ତୁଷ୍ଟମାନେ ଦଳ ଭିତରେ ରହି ଦଳୀୟ ପ୍ରାର୍ଥୀଙ୍କୁ ହରାଇବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ବିରୋଧୀଙ୍କ ସହ ଭିଡିଓ କଥାବାର୍ତ୍ତା କରିସାରିଥିବା ଆଲୋଚନା ହେଉଛି। ନିର୍ବାଚନକୁ ଆଉମାତ୍ର ଦିନ କେଇଟା ବାକିଥିବାବେଳେ ଏସବୁ ସମସ୍ୟା। ଏବେ ପ୍ରାର୍ଥୀଙ୍କ ଛାତିରେ ଛନକା ବଢ଼ାଇଛି।




ଢେଙ୍କାନାଳରେ ୩ୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଏପ୍ରିଲ ୨୩ରେ ଭୋଟଗ୍ରହଣ ହେବ। ଏଯାଏ କୌଣସି ଦଳ ପକ୍ଷରୁ ହେଭିୱେଟ ପ୍ରଚାର ଆରମ୍ଭ ହୋଇନାହିଁ। ଭାଜପା, ବିଜେଡି, କଂଗ୍ରେସ ପ୍ରାର୍ଥୀ ବ୍ୟକ୍ତିଗତ ଉଦ୍ୟମରେ କର୍ମୀ ସମର୍ଥକଙ୍କୁ ନେଇ ପ୍ରଚାର କରୁଛନ୍ତି। ହେଲେ ଅସନ୍ତୁଷ୍ଟ ନେତୃବୃନ୍ଦ ପ୍ରଚାରରୁ ନିଜକୁ ଦୂରେଇ ରଖିଛନ୍ତି। ସେମାନେ ଏବେ ଢୋଲ ଭିତରେ ମୂଷା ସଦୃଶ ହୋଇଛନ୍ତି। କିଛିଦିନ ତଳେ ଢେଙ୍କାନାଳ ପୌରାଞ୍ଚଳରେ ଭାଜପାର ଜଣେ ଅସନ୍ତୁଷ୍ଟ ନେତା ନିଜର ସମର୍ଥକଙ୍କ ଜରିଆରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ ନିବେଦନ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି କେତେଜଣ ବ୍ୟକ୍ତି କଂଗ୍ରେସ ସମର୍ଥକ ପରିଚୟ ଦେଇ ଦଳୀୟ ବିଧାୟକ ପ୍ରାର୍ଥୀଙ୍କ ଆଖପାଖରେ ବୁଲୁଥିଲେ। ଏହାର ଘଣ୍ଟାକ ପରେ ସେମାନଙ୍କୁ ବିଜେଡି ଶିବିରରେ ଦେଖିବାକୁ ମିଳିଥିଲା। ଏହା ଧରାପଡ଼ିଯିବା ପରେ ସେମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଘଟଣା ପ୍ରଘଟ ନ କରିବାକୁ ନେହୁରା ହୋଇଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀଙ୍କୁ ନିକଟକୁ ଯାଇ ଏ ସମ୍ପର୍କରେ କାହାରିକୁ ନ କହିବାକୁ ଅନୁରୋଧ କରିଥିଲେ, ଯାହାକୁ ନେଇ ନା ନା କଳ୍ପନାଜଳ୍ପନା ପ୍ରକାଶ ପାଇଛି।

କେବଳ ଭାଜପା କିମ୍ବା କଂଗ୍ରେସ ନୁହେଁ, ଶାସକ ବିଜେଡିରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଦଳର ଅସନ୍ତୁଷ୍ଟ ନେତା ଏକାଠି ହୋଇ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ପ୍ରଚାର କରିବାକୁ ବଳ ଜୁଟାଉଛନ୍ତି। ମୁହଁ ପଦାକୁ ଆସିଯିବା ଭୟରେ ସେମାନେ ଗୋପନରେ ରାତି ଅଧିଆ ସଭାସମିତି ମଧ୍ୟ କରୁଛନ୍ତି। ମତଦାନ ପୂର୍ବରୁ ଦଳୀୟ ଅସନ୍ତୁଷ୍ଟଙ୍କୁ ଶାନ୍ତ ନ କରାଇଲେ ତାହା ପ୍ରାର୍ଥୀଙ୍କ ପାଇଁ ବୁମେରାଂ ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

## ଦେଖାଣିଆ ଚଢ଼ାଉ

ଗଣତନ୍ତ୍ରର ସାଧାରଣ ନିର୍ବାଚନକୁ ସ୍ୱଚ୍ଛ ଏବଂ ଅବାଧ କରିବାକୁ ସବୁକ୍ଷେତ୍ରରେ ପ୍ରସ୍ତୁତ ଥିବା କହି ବାହୁସ୍ଫୋଟ ମାରୁଛି ଢେଙ୍କାନାଳ ଜିଲା ପ୍ରଶାସନ। ଅସାଧୁ କାର୍ଯ୍ୟ ରୋକିବାକୁ ନିୟମିତ ଚଢ଼ାଉ କରାଯାଉଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି। ହେଲେ ତାହା କେବଳ ଲୋକ ଦେଖାଣିଆ ବୋଲି ଆଲୋଚନା ହେଉଛି। ସହର ଉପକଣ୍ଠରେ ଥିବା ହୋଟେଲଗୁଡ଼ିକରେ ନିର୍ବାଚନକୁ ନେଇ ବିଭିନ୍ନ ଅନୈତିକ କାର୍ଯ୍ୟ ଚାଲିଛି। ଏ ସମ୍ପର୍କରେ ସୂଚନା ଥିବା ସତ୍ତ୍ୱେ ଚଢ଼ାଉଠାରୁ ନିଜକୁ ଦୂରେଇ ରଖୁଛି ପୋଲିସ। ହୋଟେଲ ଖାଲି ହେବା ପରେ ନାମକୁ ମାତ୍ର ଚଢ଼ାଉ କରି ଖାଲି ହାତରେ ଫେରୁଛନ୍ତି ଅଧିକାରୀ, ଯାହାକୁ ନେଇ ସାଧାରଣରେ ପୋଲିସ ବିରୋଧୀ ମନ୍ତବ୍ୟ ଶୁଣିବାକୁ ମିଳୁଛି। ଏ ନେଇ ଏସ୍‌ପି ଅନୁପମା ଜେମ୍ସ କୁହନ୍ତି, କିଛିଦିନ ତଳେ ଢେଙ୍କାନାଳ ସହର ଏବଂ ଭୁବନ ଅଞ୍ଚଳରୁ ୨ଟି ଗାଡ଼ିରୁ ଟଙ୍କା ଜବତ କରାଯାଇଥିଲା। ଏହାର ତଦନ୍ତ ଚାଲିଛି। ଫ୍ଲାଇଂ ସ୍କ୍ୱାଡ୍ ଏବଂ କର୍ମଚାରୀ ଏପରି କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

ତାଳବରକୋଟରେ କଂଗ୍ରେସ କର୍ମୀ ସମ୍ମିଳନୀ

# ହୋର୍ଡିଂରେ ସୀମିତ ବିକାଶ: ନବୀନ ନନ୍ଦ



କର୍ମୀ ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତାମାନେ।

■ପ୍ରଚାରରେ ସାମିଲ ହେଲେ ଅଶୋକବର୍ଦ୍ଧନ

■ବିଜେଡି ଛାଡ଼ିଥିବା ନେତା ମଧ ଉପସ୍ଥିତ

**ଢେଙ୍କାନାଳ ଅଫିସ, ୧୩।୪**

ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। କେବଳ ବଡ଼ବଡ଼ ହୋର୍ଡିଂରେ ବିକାଶ ସୀମିତ ରହିଛି। ବିଜ୍ଞାପନ ମାଧ୍ୟମରେ ଉଭୟ ସରକାର ମିଥ୍ୟା ପ୍ରଚାର କରୁଛନ୍ତି। ଏହା ଲୋକେ ବୁଝିଲେଣି। ଚଳିତ ନିର୍ବାଚନରେ ଭୋଟର ଏହାର ଜବାବ ଦେବେ ବୋଲି କହିଛନ୍ତି ଢେଙ୍କାନାଳ ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଂଗ୍ରେସ ବିଧାୟକ ପ୍ରାର୍ଥୀ ନବୀନ ନନ୍ଦ। ସଦର ବ୍ଲକ ତାଳବରକୋଟ ଗ୍ରାମରେ ଶନିବାର ଆୟୋଜିତ ଦଳୀୟ କର୍ମୀ ସମ୍ମିଳନୀରେ ସେ ବିଜେଡି ଏବଂ ଭାଜପା ସରକାର ଉପରେ ପ୍ରବଳ ବର୍ଷିଥିଲେ।

ଉକ୍ତ ସମ୍ମିଳନୀରେ ଲୋକ ସଭା ଏମ୍‌ପି ପ୍ରାର୍ଥୀ କାମାକ୍ଷା ପ୍ରସାଦ ସିଂଦେଓଙ୍କ ସାନପୁଅ ଅଶୋକବର୍ଦ୍ଧନ ସିଂଦେଓଙ୍କୁ ଦେଖିବାକୁ ମିଳିଥିଲା। ଚଳିତ ନିର୍ବାଚନରେ ସେ ଦଳର ପ୍ରଚାର ମଙ୍ଗ ସମ୍ଭାଳିବେ ବୋଲି ଜଣାପଡ଼ିଛି। କିଛିଦିନ ତଳେ ବିଜେଡି ଛାଡ଼ିଥିବା ଶ୍ରମିକ ସେଲ୍ ସଙ୍ଗଠନ ସଭାପତି ଘନଶ୍ୟାମ ସାହୁ, ମହମ୍ମଦ ଉସ୍‌ମାନ ମଧ୍ୟ ସମ୍ମିଳନୀ ଉପସ୍ଥିତ ଥିଲେ। ଏଥିରୁ ଉଭୟେ କଂଗ୍ରେସ ଆଡ଼କୁ ଢଳିଥିବା ସ୍ପଷ୍ଟ ହୋଇଛି। ବରିଷ୍ଠ କଂଗ୍ରେସ ନେତା ନବୀନଚନ୍ଦ୍ର ନାରାୟଣ ଦାସ, ରବିନାରାୟଣ ମହାନ୍ତି, ସମରେନ୍ଦ୍ର ନନ୍ଦ, ଜୟକୃଷ୍ଣ ଜେନା, ପ୍ରେମଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ପ୍ରାର୍ଥୀଙ୍କ ମାରାଥନ ପ୍ରଚାର



ସମର୍ଥକଙ୍କ ସହ ବାଇକ୍ ଶୋଭାଯାତ୍ରାରେ କୃଷ୍ଣଚନ୍ଦ୍ର ପାତ୍ର।

**ଢେଙ୍କାନାଳ ଅଫିସ,୧୩।୪**

ଢେଙ୍କାନାଳ ବିଧାନସଭା ନିର୍ବାଚନ ପାଇଁ ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର ବିଭିନ୍ନ ଅଞ୍ଚଳରେ ମାରାଥନ ପ୍ରଚାର ଚଳାଇଛନ୍ତି। ଶନିବାର ଗଁଦିଆ ବ୍ଲକ ନିହଲପ୍ରସାଦ ଅଞ୍ଚଳରୁ କୃଷ୍ଣଚନ୍ଦ୍ର ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ଖଙ୍କିରା, ଲାଉଲଇ, ଲେଥକା, ରତନପୁର, ବେଗା, ଚଣ୍ଡିଆ, କରଡ଼ାବଣି, ନିତ୍ୟାନନ୍ଦପୁର, ଚଡ଼କମରା, ଦଶମାଣପାଟଣା, ପିଙ୍ଗୁଆ ଆଦି ଅଞ୍ଚଳ ପରିକ୍ରମା କରିଥିଲେ। ଏହାପରେ ଦେଓଗାଁ, ବିଧାରପୁର, ପୋରୁହଖୋଜ, ରାଇତଳା, ସଞ୍ଚପୁର ଆଦି ଅଞ୍ଚଳରେ ପ୍ରଚାର କରିଥିଲେ। ଦୁର୍ନୀତିଗ୍ରସ୍ତ ବିଜେଡି ସରକାରଙ୍କୁ ପ୍ରତ୍ୟାଖ୍ୟାନ କରିବା ସହିତ ବିକାଶ ପାଇଁ ନରେନ୍ଦ୍ର ମୋଦିଙ୍କୁ ସମର୍ଥନ ଦେବାକୁ ସେ ଆହ୍ୱାନ ଦେଇଛନ୍ତି। ପ୍ରଦୀପ ଦାସ, ରତିକାନ୍ତ ସାହୁ, ଜୟକୃଷ୍ଣ ସାହୁ, ପ୍ରତାପ ପତି, ଶତ୍ରୁଘ୍ନ ରାଉତ, ପ୍ରହଲ୍ଲାଦ ମହାନ୍ତି, ତ୍ରିନାଥ ବେହେରା, ଅଜୟ ମହାନ୍ତି, ଅଜୟ ଧୀର, ଉମେଶ ବରାଳ, ସୁଶାନ୍ତ ସାହୁ, ନବକିଶୋର ଗୁରୁ, ସନ୍ତୋଷ ମିଶ୍ର, କବି ସିଂ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।

୧୫୨ ବର୍ଷର ଇନ୍ଦିପୁର ଦଣ୍ଡଯାତ୍ରା

# କଣ୍ଟାରେ ଗଡ଼ିଲେ ମାନସିକଧାରୀ

**ଓଡ଼ାପଡ଼ା, ୧୩।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମରେ ଶନିବାର ପବିତ୍ର ମେରୁଯାତ୍ରା ସମ୍ପନ୍ନ ହୋଇଛି। ଚୈତ୍ରମାସରେ କଠୋର ସାଧନାର ଅନନ୍ୟ ନିଦର୍ଶନ ଦଣ୍ଡଯାତ୍ରା ଅବସରରେ ଦଣ୍ଡୁଆମାନେ ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ ଯଥାବିଧି ପାଳିଥିଲେ। ଏଥିସହ ଟାଇଁଟାଇଁ ଖରାରେ କୋଇଲେଖା କଣ୍ଟାରେ ଗଡ଼ି ସେମାନେ ଦେଇଥିଲେ ଭକ୍ତି ପରୀକ୍ଷା। ଇନ୍ଦିପୁରର ଦଣ୍ଡଯାତ୍ରା ୧୫୨ବର୍ଷ ପୁରୁଣା। ଚଳିତବର୍ଷ ୧୩ଦିନ ଧରି ଦଣ୍ଡୁଆମାନେ କଠୋର ବ୍ରତ ରଖିଥିଲେ। ଶନିବାର ଦଣ୍ଡଯାତ୍ରାର ଅନ୍ତିମ ପର୍ବ ମେରୁ ଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଥିଲା। ଢୋଲ, ଘଣ୍ଟ, ହରିବୋଲ ହୁଳହୁଳି, କାଳିଶିଙ୍କ କୁହାଟ, କଳାରୁଦ୍ରମଣିଙ୍କୁ ଭଜ ହେ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ମହମହ ଝୁଣା ବାସ୍ନାରେ ଅଞ୍ଚଳରେ ସୃଷ୍ଟି ହୋଇଥିଲା ଭକ୍ତିମୟ ପରିବେଶ।



କୋଇଲେଖା କଣ୍ଟା ଉପରେ ଶୋଇରହିଥିବା ମାନସିକଧାରୀମାନେ।

କାଳିଶି ଉଭାହେବା ସହ ଗାଁ ରାସ୍ତା ଉପରେ ବିଛା ହୋଇଥିଲା ଗୋଛାଗୋଛା କୋଇଲେଖା କଣ୍ଟା। କଳାରୁଦ୍ରମଣିଙ୍କୁ ଭଜ ହେ ଧ୍ୱନି ଭିତରେ କଣ୍ଟା ଉପରେ ଗଡ଼ି ଭକ୍ତି ପରୀକ୍ଷା ଦେଇଥିଲେ ଦଣ୍ଡୁଆ ଓ ମାନସିକଧାରୀ। ପ୍ରାୟ ୫୦ମିଟର ପର୍ଯ୍ୟନ୍ତ ବିଛାଯାଇଥିବା କଣ୍ଟା ଉପରେ ୧୫୦ରୁ ଊର୍ଦ୍ଧ୍ୱ ମାନସିକଧାରୀ ଗଡ଼ିଥିଲେ। ଏହାକୁ ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ସମବେତ ହୋଇଥିଲେ।

ମେରୁଯାତ୍ରା ଅବସରରେ ସକାଳୁ ମାନସିକଧାରୀଙ୍କ ମୁଣ୍ଡନ କରାଯାଇଥିଲା। ଯାତ୍ରା ପାଇଁ ବହୁ ଉଠା ଦୋକାନୀ ପସରା ମେଲାଇଥିଲେ।। ଦଣ୍ଡଯାତ୍ରା କମିଟିର ସୁଧାଂଶୁ ମହାପାତ୍ର, ବସନ୍ତ ପୃଷ୍ଟି, ଶକ୍ତି ମହାରଣା, ପଦ୍ମଲୋଚନ ସାହୁ, ଭୀମସେନ ପୃଷ୍ଟି, ଗୁଣନିଧି ସାହୁ, ବସନ୍ତ ପାତ୍ର, ସୂର୍ଯ୍ୟମଣି ସାହୁ, ଗୌରୀ ସେଠୀଙ୍କ ସମେତ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ରାମଚନ୍ଦ୍ର ବେହେରା ହତ୍ୟାକାଣ୍ଡ: ଅଭିଯୁକ୍ତଙ୍କୁ ଗିରଫ ଦାବି

**କେନ୍ଦୁଝର, ୧୩।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ କୁଣ୍ଡାକୋଟା ଗ୍ରାମର ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ଆନନ୍ଦପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଏଯାଏ ଗିରଫ କରିପାରିନି। ଏହାର ପ୍ରତିବାଦରେ ଶନିବାର ମୃତକଙ୍କ ପରିବାର ଲୋକେ ଏସ୍‌ପି ଜୟନାରାୟଣ ପଙ୍କଜଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟମାନେ ଖୋଲାଖୋଲି ବୁଲୁଥିଲେ ହେଁ ପୋଲିସ ନୀରବଦ୍ରଷ୍ଟା ପାଲଟିଛି। ହତ୍ୟାକାରୀଙ୍କୁ ଗିରଫ କରିବାରେ ପୋଲିସ ଆନ୍ତରିକତା ଦେଖାଉ ନ ଥିବା ରାମଚନ୍ଦ୍ରଙ୍କ ଝିଅ ମିନାରାଣୀ ଅଭିଯୋଗ କରିଛନ୍ତି।

ମାର୍ଚ୍ଚ ୨୫ ତାରିଖରେ ରାତିରେ କଥାବାର୍ତ୍ତା ହେବା ବାହାନାରେ ରାମଚନ୍ଦ୍ରଙ୍କୁ ବାହାରକୁ ଡାକି ଆଣି ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ଦୁଇ ହାତ ଓ ଦୁଇ ଗୋଡ଼କୁ ହାଣି ବିଭତ୍ସ ଭାବେ ହତ୍ୟା କରିଥିଲେ। ଏହି ଘଟଣାରେ ନିର ପୃଷ୍ଟି, ଅଲେଖ ପୃଷ୍ଟି, ଅରୁଣ ପୃଷ୍ଟି, ସଞ୍ଜିତ ପୃଷ୍ଟି, ପ୍ରମୋଦ ଦାସ, ଦୋଳଙ୍କୁ ପୋଲିସ ଗିରଫ କରିଥିଲା। ହେଲେ ଏଯାବତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି କି ସେମାନେ ଭୟଭୀତ ଅବସ୍ଥାରେ ରହୁଥିବା ତାଙ୍କ ଝିଅ ଅଭିଯୋଗ କରିଛନ୍ତି। ଭୟଭୀତ ଅବସ୍ଥାରେ ରହୁଥିବା ରାମଚନ୍ଦ୍ରଙ୍କ ପରିବାର ନ୍ୟାୟ ଓ ସୁରକ୍ଷା ଦାବି କରିଛନ୍ତି। ଅନ୍ୟପକ୍ଷରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଉଦ୍ୟମ କରାଯାଉଥିବା ପୋଲିସ ସଫେଇ ଦେଇଛି।

# ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**କୁଆମରା, ୧୩।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କୁଆମରା ପଞ୍ଚାୟତ ଚିଲିମା (ଆଗରପଡା) ଗ୍ରାମରେ ଶନିବାର ଅପରାହ୍ନରେ ହେମଲତା ସିଂ (୩୫) କିରୋସିନି ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଉଦ୍ଧାର କରିବାକୁ ଯାଇ ସ୍ୱାମୀ ସୁରେନ୍ଦ୍ର ସିଂ (୪୫) ଆହତ ହୋଇଛନ୍ତି। ହେମଲତାଙ୍କ ଶରୀରର ୮୦% ପୋଡିଯାଇଛି। ତାଙ୍କୁ ବାରିପଦା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘରୋଇ କଳିକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥିବା ସୁରେନ୍ଦ୍ର ଓ ତାଙ୍କ ପରିବାର ଲୋକେ କହିଛନ୍ତି। ହେମଲତାଙ୍କ ବାପଘର ଲୋକେ ଡାକ୍ତରଖାନାରେ ପହଞ୍ଚି ଥିଲେ ମଧ୍ୟ ଏନେଇ କୌଣସି ଅଭିଯୋଗ ଆଣିନାହାନ୍ତି। ହେମଲତା ପୂର୍ବରୁ ଦୁଇ ଥର ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ବାପଘର ଲୋକେ ସୂଚନା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

## ଫଟୋରେ ଖବର



କାମାକ୍ଷାନଗର ନୂଆ ଆଳତୁମାସ୍ଥିତ ସାଇମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସାଇନାଥ ମହାରାଜଙ୍କ ଚଉଡ଼ି ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିବାବେଳେ ସହରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।



ଢେଙ୍କାନାଳ ଆନନ୍ଦବଜାରସ୍ଥିତ କାମନା କାଳିକା ମନ୍ଦିର ସମ୍ମୁଖରେ ଶନିବାର ଅପରାହ୍ନରେ ଝାମୁଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରଦ୍ଧାଳୁମାନେ ମାନସିକପୂରଣ ପାଇଁ ଛୋଟଛୋଟ ଶିଶୁଙ୍କୁ ଧରି ଝାମୁ ନିଆଁରେ ଚାଲୁଛନ୍ତି।



ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିମିଟେଡ୍ ପକ୍ଷରୁ ଟାଉନଶିପସ୍ଥିତ ସୁରେନ୍ଦ୍ର ହସ୍ପିଟାଲ ପରିସରରେ ଶନିବାର ଅଂଶୁଘାତ ଆରୋଗ୍ୟ କକ୍ଷ ଉଦ୍‌ଘାଟିତ ହୋଇଛି। ଅପରେଶନ ଆଣ୍ଡ ମେଣ୍ଟେନାନ୍ସ ବିଭାଗ ମୁଖ୍ୟ ମନୋଜ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପସ୍ଥିତ କମ୍ପାନୀର କର୍ମଚାରୀମାନେ।

## ■୩ ପ୍ରମୁଖ ଦଳ ପ୍ରାର୍ଥୀଙ୍କ ସମ୍ପତ୍ତି ତାଲିକା

# ୧୫ରୁ ୮ କୋଟିପତି

**ଅନୁଗୋଳ ଅଫିସ, ୧୩।୪**

ଅନୁଗୋଳ ଜିଲାର ୫ଟି ବିଧାନସଭା ଆସନ ପାଇଁ ବିଭିନ୍ନ ଦଳରୁ ମୋଟ୍ ୪୨ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ୧୫ ପ୍ରାର୍ଥୀଙ୍କ ମଧ୍ୟରୁ ୮ଜଣ କୋଟିପତି। ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ ସମ୍ପତ୍ତି ତାଲିକାରୁ ଏହି ସୂଚନା ମିଳିଛି। ଏହି କୋଟିପତି ପ୍ରାର୍ଥୀଙ୍କ ମଧ୍ୟରେ ଛେଣ୍ଡିପଦାର ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ୧୧ କୋଟି ସହ ସର୍ବାଗ୍ରେ ଥିବାବେଳେ ଭାଜପା ପ୍ରାର୍ଥୀ ଅଗସ୍ତି ବେହେରା ୮ ଲକ୍ଷର ସମ୍ପତ୍ତି ସହ ସର୍ବନିମ୍ନରେ ରହିଛନ୍ତି। ପାଲଲହଡ଼ାର ୩ ପ୍ରାର୍ଥୀଙ୍କ ମଧ୍ୟରୁ କେହି କୋଟିଏ ବି ଛୁଇଁପାରି ନାହାନ୍ତି। ହେଲେ ଆଠମଲ୍ଲିକ ନିର୍ବାଚନମଣ୍ଡଳରୁ ଲଢୁଥିବା ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ସମସ୍ତେ କୋଟିପତି।

■ଆଠମଲ୍ଲିକରେ ୩ରୁ ୩ କୋଟିପତି
■ପାଲଲହଡ଼ାରେ କେହିନୁହନ୍ତି
■୧୧ କୋଟି ସହ ସୁଶାନ୍ତ ଆଗରେ
■ଅଗସ୍ତିଙ୍କ ନିକଟରେ ମାତ୍ର ୮ ଲକ୍ଷ

### ଅନୁଗୋଳରେ ବିପ୍ଳବ, ରଜନୀକାନ୍ତ




ସମ୍ପତ୍ତି ତାଲିକାରେ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ବିପ୍ଳବ ଜେନା ବିଜେଡି ଓ ଭାଜପା ପ୍ରାର୍ଥୀଙ୍କୁ ପଛରେ ପକାଇ ଦେଇଛନ୍ତି। ବିପ୍ଳବ ଓ ତାଙ୍କ ସ୍ତ୍ରୀଙ୍କ ମୋଟ୍ ସମ୍ପତ୍ତି ପରିମାଣ ୬ କୋଟି ୬୭ ଲକ୍ଷ ୨୦ ହଜାର ୮୨୬ ଟଙ୍କା। ବିପ୍ଳବଙ୍କ ସ୍ଥାବର ସମ୍ପତ୍ତି ୮୦ ଲକ୍ଷ ୯୫ ହଜାର ୧୫୭ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୪ କୋଟି ୫୭ ଲକ୍ଷ ୩୭ ହଜାର ୭୦୫ ଟଙ୍କା। ତାଙ୍କ ନାମରେ ୪୬ ଲକ୍ଷ ୯୪ ହଜାର ୨୪୭ ଟଙ୍କାର ଋଣ ରହିଛି। ସ୍ତ୍ରୀ ସବିତାରାଣୀ ଜେନାଙ୍କ ସ୍ଥାବର ସମ୍ପତ୍ତି ୨୭ ଲକ୍ଷ ୮୬ ହଜାର ୨୫୯ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୧ କୋଟି ୧ ଲକ୍ଷ ୧ ହଜାର ୭୦୫ ଟଙ୍କା। ସେହିପରି ବିଜେଡି ପ୍ରାର୍ଥୀ ରଜନୀକାନ୍ତ ସିଂ ଓ ତାଙ୍କ ସ୍ତ୍ରୀଙ୍କ ମୋଟ୍ ସମ୍ପତ୍ତି ହେଉଛି ୨ କୋଟି ୭୩ ଲକ୍ଷ ୯୫ ହଜାର ୭୭୦ ଟଙ୍କା। ରଜନୀକାନ୍ତଙ୍କ ସ୍ଥାବର ସମ୍ପତ୍ତି ୩୪ ଲକ୍ଷ ୧ ହଜାର ୩ ଶହ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୨ କୋଟି ୨୯ ଲକ୍ଷ ୧୫ ହଜାର ୮୭୯ ଟଙ୍କା। ୧୬ ଲକ୍ଷ ୨୪ ହଜାର ୯୫୯ ଟଙ୍କାର ସେ ଋଣ କରିଛନ୍ତି। ସ୍ତ୍ରୀ ସଂଯୁକ୍ତା ସିଂଙ୍କ ସ୍ଥାବର ସମ୍ପତ୍ତି ୧୦ ଲକ୍ଷ ୭୮ ହଜାର ୫୯୧ ଟଙ୍କା। ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ତାଙ୍କ ସ୍ତ୍ରୀଙ୍କ ସମ୍ପତ୍ତି ମିଶି ହେଉଛି ୫୪ ଲକ୍ଷ ୯୩ ହଜାର ୮୬୫ ଟଙ୍କା। ପ୍ରତାପଙ୍କ ସ୍ଥାବର ସମ୍ପତ୍ତି ୨୮ ଲକ୍ଷ ୯୮ ହଜାର ୯୧୭ ଟଙ୍କା ଓ ୧୩ ଲକ୍ଷ ୭୫ ହଜାର ଟଙ୍କାର ଋଣ ରହିଛି। ତାଙ୍କ ସ୍ତ୍ରୀ ସରିତା ପ୍ରଧାନଙ୍କ ସ୍ଥାବର ସମ୍ପତ୍ତି ମୂଲ୍ୟ ୨୫ ଲକ୍ଷ ୯୪ ହଜାର ୧୪୮ ଟଙ୍କା।

### ତାଳଚେରରେ କେବଳ ସୁରେଶ



ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀର କେବଳ କଂଗ୍ରେସ ପ୍ରାର୍ଥୀ ସୁରେଶ ଚନ୍ଦ୍ର ବେହେରା କୋଟିପତି। ସେ ଓ ତାଙ୍କ ସ୍ତ୍ରୀଙ୍କ ସମ୍ପତ୍ତି ହେଉଛି ୨ କୋଟି ୯୧ ଲକ୍ଷ ୬୨ ହଜାର ୭୯ ଟଙ୍କା। ତାଙ୍କ ସ୍ଥାବର ସମ୍ପତ୍ତି ୮୯ ଲକ୍ଷ ୪୨ ହଜାର ୮୭୩ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୧୫ ଲକ୍ଷ ୨୮ ହଜାର। ତାଙ୍କ ସ୍ତ୍ରୀଙ୍କ ସ୍ଥାବର ସମ୍ପତ୍ତି ୯୫ ଲକ୍ଷ ୧୪ ହଜାର ୯୦୬ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୯୧ ଲକ୍ଷ ୭୬ ହଜାର ୩୦୦ ଟଙ୍କା ରହିଛି। ଭାଜପା ପ୍ରାର୍ଥୀ କାଳନ୍ଦୀ ସାମଲ ଓ ତାଙ୍କ ସ୍ତ୍ରୀଙ୍କ ନିକଟରେ ୭୫ ଲକ୍ଷ ୨୮ ହଜାର ୩୪ ଟଙ୍କାର ସମ୍ପତ୍ତି ରହିଛି। କାଳନ୍ଦୀଙ୍କ ସ୍ଥାବର ସମ୍ପତ୍ତି ୨୩ ଲକ୍ଷ ୬ ହଜାର ୭୩ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୫ ଲକ୍ଷ ଟଙ୍କା। ସ୍ତ୍ରୀଙ୍କ ନାମରେ ସ୍ଥାବର ସମ୍ପତ୍ତି ୩୫ ଲକ୍ଷ ୬ ହଜାର ୯୬୧ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୧୨ ଲକ୍ଷ ୧୫ ହଜାର ରହିଛି। ବିଜେଡି ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନଙ୍କ ସମ୍ପତ୍ତି ମୂଲ୍ୟ ୨୦ ଲକ୍ଷ ୧ ହଜାର ୮୫ ଟଙ୍କା। ଏଥିରେ ସ୍ଥାବର ସମ୍ପତ୍ତି ୧୫ ଲକ୍ଷ ୫୧ ହଜାର ୮୫ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୪ ଲକ୍ଷ ୫୦ ହଜାର ଟଙ୍କା ରହିଛି।



### ପାଲଲହଡ଼ା କୋଟିପତି ଶୂନ୍ୟ

ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ୩ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରୁ କେହି କୋଟିପତି ନୁହନ୍ତି। କଂଗ୍ରେସ ପ୍ରାର୍ଥୀ ସୁବ୍ରତ ଗଡ଼ନାୟକଙ୍କ ନିକଟରେ ମୋଟ୍ ୪୭ ଲକ୍ଷ ୪୮ ହଜାର ୯୦୨ ଟଙ୍କା ରହିଛି। ଏଥିରେ ସ୍ଥାବର ସମ୍ପତ୍ତି ୪୬ ଲକ୍ଷ ୭୩ ହଜାର ୯୦୨ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୭୫ ହଜାର ଟଙ୍କା ଦର୍ଶାଯାଇଛି। ଭାଜପା ପ୍ରାର୍ଥୀ ଅଶୋକ ମହାନ୍ତି ଓ ତାଙ୍କ ସ୍ତ୍ରୀଙ୍କ ସମ୍ପତ୍ତିର ମୂଲ୍ୟ ୩୩ ଲକ୍ଷ ୬୮ ହଜାର ୨୫୦ ଟଙ୍କା। ଅଶୋକଙ୍କ ସ୍ଥାବର ସମ୍ପତ୍ତି ୧ ଲକ୍ଷ ୧୪ ହଜାର ୭୯ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୮ ଲକ୍ଷ। ସ୍ତ୍ରୀଙ୍କ ସ୍ଥାବର ସମ୍ପତ୍ତି ୧୫ ଲକ୍ଷ ୮୯ ହଜାର ୧୭୧ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୮ ଲକ୍ଷ ୬୫ ହଜାର ଟଙ୍କା ରହିଛି। ବିଜେଡି ପ୍ରାର୍ଥୀ ମୁକେଶ କୁମାର ପାଳଙ୍କ ନିକଟରେ ୮୪ ଲକ୍ଷ ୮୦ ହଜାର ୫ଶହ ଟଙ୍କାର ସମ୍ପତ୍ତି ଅଛି। ସେଥିରେ ସ୍ଥାବର ସମ୍ପତ୍ତି ୭୭ ଲକ୍ଷ ୫୦ ହଜାର ୫ ଶହ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୭ ଲକ୍ଷ ୩୦ ହଜାର ଟଙ୍କା ଥିବା ଜଣାପଡ଼ିଛି।

### ଆଠମଲ୍ଲିକରେ ରମେଶ, ଭାଗୀରଥି, ବିଜୟାନନ୍ଦ





ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ୩ ପ୍ରମୁଖ ପ୍ରାର୍ଥୀ କୋଟିପତି ତାଲିକାରେ ସ୍ଥାନ ପାଇଛନ୍ତି। ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ସାଏ ଓ ତାଙ୍କ ସ୍ତ୍ରୀଙ୍କ ସମ୍ପତ୍ତି ମିଶି ହେଉଛି ୧ କୋଟି ୨୮ ଲକ୍ଷ ୩ ହଜାର ଟଙ୍କା। ରମେଶଙ୍କ ସ୍ଥାବର ସମ୍ପତ୍ତି ୨ ଲକ୍ଷ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୮୬ ଲକ୍ଷ ୩୩ ହଜାର ଟଙ୍କା। ସ୍ତ୍ରୀଙ୍କ ନାମରେ ୯ ଲକ୍ଷ ୭୦ ହଜାର ଟଙ୍କାର ସ୍ଥାବର ଓ ୩୦ ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। କଂଗ୍ରେସ ପ୍ରାର୍ଥୀ ବିଜୟାନନ୍ଦ ଚାଉଳିଆଙ୍କ ସମ୍ପତ୍ତି ମୂଲ୍ୟ ୧ କୋଟି ୪୪ ଲକ୍ଷ ୩୨ ହଜାର ୧୬୧ ଟଙ୍କା। ତାଙ୍କ ସ୍ଥାବର ସମ୍ପତ୍ତି ୫୧ ଲକ୍ଷ ୯୨ ହଜାର ୧୬୧ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୯୨ ଲକ୍ଷ ୪୦ ହଜାର ଟଙ୍କା। ଭାଜପା ପ୍ରାର୍ଥୀ ଭାଗୀରଥି ପ୍ରଧାନ ଓ ତାଙ୍କ ସ୍ତ୍ରୀଙ୍କ ସମ୍ପତ୍ତି ହେଉଛି ୧ କୋଟି ୫୫ ଲକ୍ଷ ୯୩ ହଜାର ୧୨୩ ଟଙ୍କା। ତାଙ୍କ ସ୍ଥାବର ସମ୍ପତ୍ତି ୧୪ ଲକ୍ଷ ୨୭ ହଜାର ୯୩୬ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୧ କୋଟି ୩୪ ଲକ୍ଷ ୯୧ ହଜାର ୪୫୦ ଟଙ୍କା। ସ୍ତ୍ରୀ ଅଳକା ପ୍ରଧାନଙ୍କ ନାମରେ ସ୍ଥାବର ସମ୍ପତ୍ତି ୪ ଲକ୍ଷ ୮୮ ହଜାର ୪୯୨ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୧ ଲକ୍ଷ ୮୫ ହଜାର ୨୪୫ ଟଙ୍କା ରହିଛି।

### ଛେଣ୍ଡିପଦାରେ ସୁଶାନ୍ତ, ସସ୍ମିତା




ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଜିଲାର ସବୁଠାରୁ ଧନୀ ପ୍ରାର୍ଥୀ। ସେ ଓ ତାଙ୍କ ସ୍ତ୍ରୀ ମୋଟ୍ ୧୧ କୋଟି ୪୦ ଲକ୍ଷ ୬୯ ହଜାର ୯୬୪ ଟଙ୍କାର ମାଲିକ। ସୁଶାନ୍ତଙ୍କ ସ୍ଥାବର ସମ୍ପତ୍ତି ୨ କୋଟି ୨୦ ଲକ୍ଷ ୪୦ ହଜାର ୩୧୧ ଓ ଅସ୍ଥାବର ସମ୍ପତ୍ତି ୫ କୋଟି ୬୨ ଲକ୍ଷ। ୪୮ ଲକ୍ଷ ୪୦ ହଜାର ୬୪୭ ଟଙ୍କା ସେ ଋଣ କରିଛନ୍ତି। ତାଙ୍କ ନିକଟରେ ୧୦ରୁ ଅଧିକ ଗାଡ଼ି ରହିଛି। ସ୍ତ୍ରୀଙ୍କ ନାମରେ ୧ କୋଟି ୧ ଲକ୍ଷ ୨୯ ହଜାର ୬୫୩ ଟଙ୍କାର ସ୍ଥାବର ଓ ୨ କୋଟି ୫୭ ଲକ୍ଷର ଅସ୍ଥାବର ସମ୍ପତ୍ତି ଅଛି। କଂଗ୍ରେସ ପ୍ରାର୍ଥୀ ସସ୍ମିତା ବେହେରାଙ୍କ ସମ୍ପତ୍ତି ମୂଲ୍ୟ ୨ କୋଟି ୮୦ ଲକ୍ଷ ୯୮ ହଜାର ୮୯ ଟଙ୍କା। ଏଥିରେ ସ୍ଥାବର ସମ୍ପତ୍ତି ୭୩ ଲକ୍ଷ ୯୮ ହଜାର ୮୯ ଓ ଅସ୍ଥାବର ସମ୍ପତ୍ତି ୨ କୋଟି ୭ ଲକ୍ଷ ଟଙ୍କା ରହିଛି। ୧ କୋଟି ୪୮ ଲକ୍ଷ ୫ ହଜାର ୯୦୩ ଟଙ୍କା ସେ ଋଣ କରିଛନ୍ତି। ଭାଜପା ପ୍ରାର୍ଥୀ ଅଗସ୍ତି ବେହେରା ଜିଲାର ସବୁଠୁ ଗରିବ ପ୍ରାର୍ଥୀ। ସେ ଓ ତାଙ୍କ ସ୍ତ୍ରୀଙ୍କ ସମ୍ପତ୍ତି ମୂଲ୍ୟ ମାତ୍ର ୮ ଲକ୍ଷ ୪୦ ହଜାର ୬୧୯ ଟଙ୍କା। ତାଙ୍କ ସ୍ଥାବର ସମ୍ପତ୍ତି ୧ ଲକ୍ଷ ୮୨ ହଜାର ୨ଶହ ଟଙ୍କା ଓ ଅସ୍ଥାବର ସମ୍ପତ୍ତି ୨ ଲକ୍ଷ ୬୦ ହଜାର ଟଙ୍କା। ତାଙ୍କ ନିକଟରେ ବାଇକ୍‌ଟିଏ ବି ନାହିଁ। ସ୍ତ୍ରୀଙ୍କ ସ୍ଥାବର ସମ୍ପତ୍ତି ହେଉଛି ୩ ଲକ୍ଷ ୯୮ ହଜାର ୪୧୯ ଟଙ୍କା।

## ହଣ୍ଡପାରେ ବିଜେଡି ମହିଳା ସମାବେଶ


ସମାବେଶରେ ଯୋଗ ଦେଇଥିବା ମହିଳା କର୍ମୀମାନେ।

**ବଇଣ୍ଡା, ୧୩।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ହାଇସ୍କୁଲ ନିକଟସ୍ଥ ଆମ୍ବତୋଟା ପରିସରରେ ଶୁକ୍ରବାର ବିଜେଡିର ମହିଳା ସମାବେଶ ଅନୁଷ୍ଠିତ ହୋଇଛି। ପୂର୍ବତନ ଜିଲା ପରିଷଦ ସଦସ୍ୟ ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ନଳିନୀ ପ୍ରଧାନଙ୍କ ସ୍ତ୍ରୀ ରଞ୍ଜିତା ପ୍ରଧାନ, ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ରମେଶ ସାଏଙ୍କ ସ୍ତ୍ରୀ ଲୀନା ସାଏ ଯୋଗଦେଇ ଦଳକୁ ବିଜୟୀ କରିବାକୁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହଣ୍ଡପା ସରପଞ୍ଚ ଅମୀୟ ପ୍ରଧାନ, ସମିତି ସଭ୍ୟ ସଙ୍ଗୀତା ପ୍ରଧାନ, ମଳୟ ମହାନ୍ତି, ମଦନ ସ୍ୱାଇଁ, କଳ୍ପନା ବିଶ୍ୱାଳ, ସନ୍ଧ୍ୟାରାଣୀ ଜେନା, ସବିତା ପ୍ରଧାନ, ସୁପ୍ରଭା ମହାନ୍ତି, ରୁପାଲି ପ୍ରଧାନଙ୍କ ସମେତ ବହୁ ମହିଳା କର୍ମୀ ଯୋଗ ଦେଇଥିଲେ।

## ବିଜେଡିରେ ମିଶିଲେ ସରପଞ୍ଚ, ୱାର୍ଡମେମ୍ବର

**ଅନୁଗୋଳ ଅଫିସ, ୧୩।୪**

ଅନୁଗୋଳ ଜିଲା ବଲାସିଂହା ପଞ୍ଚାୟତର ସରପଞ୍ଚ ଓ ୱାର୍ଡମେମ୍ବରମାନେ ଶନିବାର ବିଜେଡିରେ ସାମିଲ ହୋଇଛନ୍ତି। ଆୟୋଜିତ ଏକ ମିଶ୍ରଣ ପର୍ବରେ ଜିଲା ବିଜେଡି ସଭାପତି ତଥା ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ସିଂ ଓ ରାଜ୍ୟ ସାଧାରଣ ସମ୍ପାଦକ ମୀନକେତନ ଅମାନ୍ତଙ୍କ ଉପସ୍ଥିତିରେ କଂଗ୍ରେସ ସମର୍ଥିତ ବଲାସିଂହା ସରପଞ୍ଚ ଅଶୋକ କୁମାର ସାହୁ, ୱାର୍ଡମେମ୍ବର ମିନତି ସାହୁ, ଜୀବନ ସାହୁ, ପ୍ରକାଶ ସେଠୀ, ଦୁଃଖବନ୍ଧୁ ରାଉଳ ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ମିଶିଥିଲେ। ଏଥିସହ ଭାଜପାର ଏସ୍‌ସି/ଏସ୍‌ଟି ସଭାପତି ତଥା ଆଇନଜୀବୀ ପ୍ରଦୀପ ସେଠୀ ଅନୁଗୋଳ ପୌରପାଳିକାର ୯ ନମ୍ବର ୱାର୍ଡରୁ ୫୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହିତ ବିଜେଡିରେ ମିଶିଛନ୍ତି।

## ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଚାର


ଇଂ ସନ୍ଦୀପ ପ୍ରଧାନ ନିଜ ସମର୍ଥକଙ୍କ ସହ।

**ପାଲଲହଡ଼ା, ୧୩।୪(ଡି.ଏନ.ଏ.)**

ବିଜେଡିରୁ ଟିକେଟ ନ ପାଇ ସ୍ୱାଧୀନ ଭାବେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇଥିବା ଇଂ ସନ୍ଦୀପ ପ୍ରଧାନ ନିଜ ସମର୍ଥକଙ୍କ ସହ ଶନିବାର ଜୋରଦାର ପ୍ରଚାର ଆରମ୍ଭ କରିଛନ୍ତି। ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତ ବୁଲି ରୋଡ ଶୋ ଏବଂ ପଥପ୍ରାନ୍ତ ସଭା ମାଧ୍ୟମରେ ଲୋକଙ୍କୁ ଭୋଟ ପାଇଁ ନିବେଦନ କରିଥିଲେ। ପ୍ରଥମେ ସେ ଖମାର ଅଞ୍ଚଳର କିଛି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଘରକୁ ଘର ବୁଲିଥିଲେ। ପରେ କଣିହାଁ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଯାଇ ପଥପ୍ରାନ୍ତ ସଭା ଆୟୋଜନ କରି ନିଜ ପାଇଁ ପ୍ରଚାର କରିଥିଲେ।



ମିଶ୍ରଣ ପର୍ବରେ ଭାଜପା ନେତାମାନେ।

## ଦଳ ଛାଡ଼ିଲେ ବିଜେଡିର ହେଭିୱେଟ୍ ନେତା, କର୍ମୀ

**ଭଦ୍ରକ ଅଫିସ, ୧୩।୪**

ଭଦ୍ରକ ବିଜେଡିକୁ ଏକ ବଡ଼ ଝଟକା ଲାଗିଛି। ଶୁକ୍ରବାର ବିଜେଡିର ହେଭିୱେଟ୍ ନେତା ୨୮ନମ୍ବର ଜୋନ୍‌ର ଜିଲାପରିଷଦ ସଭ୍ୟ ହେମନ୍ତ ପାଢ଼ୀ ଏବଂ ତାଙ୍କର ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଦଳ ଛାଡ଼ିଛନ୍ତି। ଏଥିସହ ଉକ୍ତ ଜୋନ୍‌ର ବରହମପୁର ସରପଞ୍ଚ ସନା ମହାଳିକ, ସମିତିସଭ୍ୟ ନନ୍ଦକିଶୋର ଜେନା, ଗୁଜିଦରଡ଼ା ପଞ୍ଚାୟତର ବିଶ୍ୱରଞ୍ଜନ ସାହୁ, ବରିଷ୍ଠ ନେତା ଗୟାଧର ମିଶ୍ର, ଗୋଲକ ମହାଳିକ, ନରହରି ସାହୁ, ଜଗବନ୍ଧୁ ମହଲା, ଉପେନ୍ଦ୍ର ପଲାଇ, ପୂର୍ବତନ ସରପଞ୍ଚ ଆନନ୍ଦ ପ୍ରସାଦ ବେହେରା, ରବିନାରାୟଣ ଦାସ, ପ୍ରକାଶ ସିଂହ, ପ୍ରଶାନ୍ତ କୁମାର ସାମନ୍ତ, ଅମରେନ୍ଦ୍ର ନାୟକ, ଗୌରହରି ସାହୁ, ଗୋବିନ୍ଦ ମଲ୍ଲିକ, ଲକ୍ଷ୍ମଣ ରାଉତ ଓ ଦେବ ଘଡାଇ ପ୍ରମୁଖ ୧ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ଇଚ୍ଛାପୁରସ୍ଥିତ ମଦନମୋହନ ଡିଏଭି ସ୍କୁଲ ପରିସରରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଜିଲା ସାଧାରଣ ସମ୍ପାଦକ ଅମ୍ବିକା ପ୍ରସନ୍ନ ଦାସଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ ବିଧାୟକ ତଥା ଧାମନଗର ବିଧାନସଭା ଆସନର ଭାଜପା ପ୍ରାର୍ଥୀ ବିଷ୍ଣୁ ସେଠୀ, ବରିଷ୍ଠ ନେତା ଏମ୍‌ପି ଅର୍ଜୁନ ଚରଣ ସେଠୀ, ଭଦ୍ରକ ବିଧାନସଭା ପ୍ରାର୍ଥୀ ଡା. ପ୍ରଦୀପ ନାୟକ, ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଯୁବନେତା ଦୁର୍ଗାପ୍ରସନ୍ନ ଦାସ, ଭାଜପା ଯୁବ ଜିଲା ସଭାପତି ସୁରେଶ ସାମଲ, ବିକାଶ ଶ୍ରେଷ୍ଠା ପ୍ରମୁଖ ଯୋଗ ଦେଇଥିଲେ। ବିଜେଡିରୁ ଆସିଥିବା ଜିଲାପରିଷଦ ସଭ୍ୟ ହେମନ୍ତ ଏବଂ ଅନ୍ୟ କର୍ମୀମାନଙ୍କୁ ଭାଜପା ଉତ୍ତରୀୟ ଓ ଟୋପି ପିନ୍ଧାଇ ସେମାନେ ସ୍ୱାଗତ କରିଥିଲେ। ଏହି ସଭାରେ ଭଦ୍ରକ ବିଧାୟକ ପ୍ରାର୍ଥୀ ଡା. ପ୍ରଦୀପ ବିଜେଡି ଫାଟୁଥିବା ବେଳେ ପଦ୍ମ ଫୁଟୁଛି, ଏହା ଦଳ ପାଇଁ ଶୁଭସଙ୍କେତ ବୋଲି କହିଥିଲେ।

## ■ପାଲଲହଡ଼ାରେ ୩ ଦଳର ମାରାଥନ ପ୍ରଚାର

# ଘର ଘର ବୁଲିଲେ ମୁକେଶ, ଅଶୋକ, ସୁବ୍ରତ


ମୁକେଶ କୁମାର ପାଳ ପ୍ରଚାର କରୁଛନ୍ତି।


କଂଗ୍ରେସ ପ୍ରାର୍ଥୀ ସୁବ୍ରତ ଗଡ଼ନାୟକ ସମର୍ଥକଙ୍କ ସହ।

**ପାଲଲହଡ଼ା, ୧୩।୪(ଡି.ଏନ.ଏ.)**

ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ପକ୍ଷରୁ ଶନିବାର ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ମାରାଥନ ପ୍ରଚାର କରାଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ମୁକେଶ ପାଳ ଦଳୀୟ କର୍ମୀ ଓ ସମର୍ଥକଙ୍କ ସହ ପିତ୍ରପୁର ଓ ଚଷାଗୁରୁଜାଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ପଥପ୍ରାନ୍ତ ସଭା କରି ତାଙ୍କୁ ଓ ଦଳକୁ ବିପୁଳ ପରିମାଣରେ ଭୋଟ ଦେବାକୁ ଜନ ସାଧାରଣଙ୍କୁ ଅନୁରୋଧ କରିଥିଲେ। ପରେ ବାଲିପଶି ଏବଂ ଶିଗଡ ପଞ୍ଚାୟତରେ ପଦଯାତ୍ରା କରି ଘର ଘର ବୁଲି ଭୋଟ ମାଗିଥିଲେ। ସେହିପରି ଭାଜପା ପ୍ରାର୍ଥୀ ଅଶୋକ ମହାନ୍ତି ପ୍ରଥମେ ରାମମନ୍ଦିର ଛକ ଠାରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ। ସେଠାରେ ବହୁ ସଂଖ୍ୟାରେ ନିର୍ମାଣ ଶ୍ରମିକ ଭାଜପରେ ସାମିଲ ହୋଇଥିଲେ। ପରେ ମହାନ୍ତି ସମର୍ଥକଙ୍କ ସହ ବନ୍ଧାଭୂଇଁ ଏବଂ ନାଗିରା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ରୋଡ଼ ଶୋ କରିବା ସହ ଲୋକଙ୍କୁ ଭୋଟ ମାଗିଥିଲେ। କାର୍ଯ୍ୟକ୍ରମରେ ପାଲଲହଡ଼ାର ପୂର୍ବତନ ବିଧାୟକ ରବି ପାଣି ଯୋଗ ଦେଇଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ସୁବ୍ରତ ଗଡ଼ନାୟକ ମଧ୍ୟ ନିଜ କର୍ମୀ ଏବଂ ସମର୍ଥକଙ୍କ ସହ ବିଭିନ୍ନ ପଂଚାୟତ ବୁଲି ପ୍ରଚାର କରିଥିଲେ। ପ୍ରଥମେ ଗଡ଼ନାୟକ ଖମାର ପଞ୍ଚାୟତର ନୂଆଗାଁ ଏବଂ ଭେଟିଆ ଗ୍ରାମକୁ ଯାଇ ଲୋକଙ୍କୁ ଭୋଟ ପାଇଁ ନିବେଦନ କରିଥିଲେ। ପରେ ଝାରବେଡା, ଆଲୋରି, ନମପଶି, ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ପଥପ୍ରାନ୍ତ ସଭା ଏବଂ ରୋଡ଼ ଶୋ କରିଥିଲେ।

ଧରିତ୍ରୀର ଢେଙ୍କାନାଳ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଲ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ DHARITRI
ଢେଙ୍କାନାଳ, ରବିବାର, ୧୪ ଏପ୍ରିଲ, ୨୦୧୯



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ଗୁରୁତର

**କଣିହାଁ,୧୩।୪(ଡି.ଏନ.ଏ.):** କଣିହାଁ ବ୍ଲକ ୫୩ ନଂ. ରାଜପଥ ଏନ୍‌ଟିପିସି ପାଉଁଶ ପୋଖରୀ ଠିକାଦାର ସମଲ କ୍ୟାମ୍ପ ନିକଟରେ ଶନିବାର ବାଇକ ଦୁର୍ଘଟଣାରେ ବ୍ରଜକୋଟ ଗ୍ରାମର ଜିତେନ୍ଦ୍ର ବାରିକ ଗୁରୁତର ହୋଇଛନ୍ତି। ତାଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି। ଖବର ଲେଖା ହେବା ସୁଦ୍ଧା ଆନ୍ଦୋଳନ ଚାଲିଥିଲା।

### ଶ୍ରୀରାମ ନବମୀ ଉତ୍ସବ

**ତାଳଚେର,୧୩।୪(ନି.ପ୍ର.):** ତାଳଚେର ଲିଙ୍ଗରାଜ ରୋଡ ସ୍ଥିତ ସାଇ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ରୀତିନୀତି ଅନୁସାରେ ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ସାଇବାବାଙ୍କ ମହାଭିଷେକ, ଯଜ୍ଞ, ମହାଆରତୀ ଅନୁଷ୍ଠିତ ହୋଇଥିଲା। ସକାଳୁ ବହୁ ଭକ୍ତଙ୍କ ସମାଗମ ମନ୍ଦିରରେ ଲାଗି ରହିଥିଲା। ଏହି ଅବସରରେ ନବନିର୍ମିତ ସାଇ ପ୍ରସାଦାଳୟ ଉଦ୍‌ଘାଟିତ ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ସାଇ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। ଅପରାହ୍ନରେ ଜଗନ୍ନାଥ ମନ୍ଦିର ଠାରୁ ବାବାଙ୍କ ପାଲିଙ୍କି ଯାତ୍ରା ବାହାରି ତାଳଚେର ସହର ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିଥିଲା। ବହୁ ଶ୍ରଦ୍ଧାଳୁ ଏଥିରେ ଅଂଶଗ୍ରହଣ କରିଥିଲେ।

### ଦେଶୀମଦ ସହ କାର୍ ଜବତ, ଜଣେ ଗିରଫ

**ବାଲେଶ୍ୱର ଅଫିସ, ୧୩।୪:** ବାଲେଶ୍ୱର ଜିଲା ଭ୍ରାମ୍ୟମାଣ ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶରେ ଶୁକ୍ରବାର ରାତି ୧୦ଟାରେ ଆଇଟିଆଇ ଛକ ରାସ୍ତାରେ ଯାଉଥିବା ଏକ ଗାଡ଼ି ଉପରେ ଚଢ଼ାଉ କରାଯାଇଥିଲା। ସେଥିରେ ଥିବା ୫ଶହ ଲିଟର ଦେଶୀ ମଦ ସହିତ କାର୍ ଡ୍ରାଇଭର ବିଜୟ ନାଥଙ୍କୁ ଗିରଫ କରାଯାଇଛି। ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗରେ ମାମଲା (ନଂ. ୧୧/୨୦୧୯-୨୦) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ମିଳିଥିବା ସୂଚନାନୁସାରେ ଉକ୍ତ ମଦ ପୁରୁଣାବାଲେଶ୍ୱରରୁ ଭଦ୍ରକକୁ ଚାଲାଣ କରାଯାଉଥିଲା। ଡ୍ରାଇଭରଙ୍କ ବୟାନକୁ ଆଧାର କରି ବିଭାଗ ତରଫରୁ ତଦନ୍ତ ଜାରି ରହିଥିବାର ଜଣାପଡ଼ିଛି। ସେହିପରି ଅରଡ଼ବଜାର ସ୍ଥିତ ରବୀନ୍ଦ୍ର ବେହେରାଙ୍କ ଘର ଉପରେ ଶୁକ୍ରବାର ମଧରାତିରେ ଚଢ଼ାଉ କରାଯାଇ ୧୦ଲିଟର ମଦ ଜବତ କରାଯାଇଛି। ଏନେଇ ମାମଲା (ନଂ. ୧୨/୨୦୧୯-୨୦) ରୁଜୁ କରାଯାଇଥିବା ଭ୍ରାମ୍ୟମାଣ ନିରୀକ୍ଷକ ଉଦେଲାଲ ନାୟକ ପ୍ରକାଶ କରିଛନ୍ତି।

### ଆପ୍ରୋଚ ରୋଡ୍ ନିର୍ମାଣକୁ ବିରୋଧ

**ତିହିଡ଼ି,୧୩।୪(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାହାବଲପୁର ପଞ୍ଚାୟତ ମାଟିଆସାହିଠାରେ ମନ୍ତେଇ ନଦୀ ଉପରେ ନିର୍ମିତ ସେତୁର ଆପ୍ରୋଚ ରୋଡ୍ ଶନିବାର ନିର୍ମାଣ କରାଯାଉଥିଲା। ପଙ୍କ ମାଟିରେ ଅତି ନିମ୍ନମାନର ରୋଡ୍ ନିର୍ମାଣ କରାଯାଉଥିବା ଅଭିଯୋଗ କରି ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରକାଶ ଯେ, ଏହି ସେତୁ ସମ୍ପୂର୍ଣ୍ଣ ହେବାର ବର୍ଷେ ପୂରିଯାଇଥିଲେ ମଧ୍ୟ ଆପ୍ରୋଚ ରୋଡ୍ ନିର୍ମାଣ ହୋଇ ନ ଥିଲା। ପଞ୍ଚାୟତବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଆପ୍ରୋଚ ରୋଡ୍ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଶନିବାର ଆପ୍ରୋଚ ରୋଡ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଏଥିରେ ପଙ୍କ ମାଟି ବ୍ୟବହାର କରାଯିବାରୁ ମାଟିଆସାହି ଗ୍ରାମବାସୀ ବିରୋଧ କରିଥିଲେ।

■ଦନ୍ତା ଆକ୍ରମଣରେ ୨ ଗୁରୁତର

# ସହାୟତା ଦେବାରେ ବନ ବିଭାଗ କୁଣ୍ଠକୁଣ୍ଠ

**ପରଜଙ୍ଗ, ୧୩।୪(ଡି.ଏନ.ଏ.)**



■ଡାକ୍ତରଖାନାରେ ଛଟପଟ ହେଲେ ବୃଦ୍ଧ

■ଏସିଏଫ୍‌ଙ୍କ ପ୍ରତିଶ୍ରୁତି ପରେ ସ୍ଥାନାନ୍ତର ହେଲେ

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ହାତୀ ଉପଦ୍ରବ ଜାରିରହିଛି। ମାତ୍ର କେଇଘଣ୍ଟା ଅନ୍ତରରେ ଦନ୍ତା ଆକ୍ରମଣରେ ଜଣେ ମହିଳା ସମେତ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କୁମୁସୀ ପଞ୍ଚାୟତ ବସନ୍ତପଡ଼ା ଗ୍ରାମର କୁଞ୍ଜ ବେହେରା (୭୫) ଏବଂ ସାଆନ୍ଦା ପଞ୍ଚାୟତ ବାଇଗିଣିଆ ମୁଣ୍ଡାସାହିର ସୂର୍ଯ୍ୟା ଭୋଇ (୬୦)। ହାତୀ ଆକ୍ରମଣରେ ମୃତାହତଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ସରକାରୀ ନିୟମ ରହିଛି। ତେବେ ବନ କର୍ମଚାରୀ ସହାୟତା ଦେବାକୁ କୁଣ୍ଠକୁଣ୍ଠ ହେଉଥିବା ଅଭିଯୋଗ ହୋଇଛି।

କୁଞ୍ଜ ଶନିବାର ଭୋର୍ ସମୟରେ ସ୍ଥାନୀୟ ପୋଖରୀକୁ ଶୌଚ ହେବାକୁ ଯାଇଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଆକ୍ରମଣରେ ତାଙ୍କ ଗୋଡ଼ରେ ଶକ୍ତ ଆଘାତ ଲାଗିଛି। ଆଖପାଖ ଅଞ୍ଚଳରେ ଥିବା ଲୋକେ ପାଟି କରିବାକୁ ହାତୀ ତାଙ୍କୁ ଛାଡ଼ି ପଳାଇଥିଲା। ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ପରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୂଚନା ଦିଆଯିବା ସତ୍ତ୍ୱେ କୌଣସି ବନ କର୍ମଚାରୀ ପହଞ୍ଚି ନ ଥିଲେ। ଡାକ୍ତର କୁଞ୍ଜଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ ମଧ୍ୟ ଅର୍ଥାଭାବାରୁ ସେ ଯାଇ ନ ପାରି ଛଟପଟ ହୋଇଥିଲେ। ଏ ନେଇ ରେଞ୍ଜର ହରମୋହନ ନାୟକଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଅସମର୍ଥ ପ୍ରକାଶ କରିଥିଲେ। ଚିକିତ୍ସା ହୋଇସାରି ଆସିବା ପରେ ବିଲ୍ ଦେଖାଇଲେ କ୍ଷତିପୂରଣ ଟଙ୍କା ମିଳିବ ବୋଲି ସେ କହିଥିଲେ। ଏସିଏଫ୍ ଜିତେନ୍ଦ୍ରନାଥ ଦାସଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁତରଙ୍କ ଚିକିତ୍ସା ବ୍ୟବସ୍ଥା କରାଯିବା ସହ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ। ଏହାପରେ ବୃଦ୍ଧଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସେହିପରି ଶୁକ୍ରବାର ବିଳମ୍ବିତ ରାତିରେ ସୂର୍ଯ୍ୟା ପରିସ୍ରା କରିବାକୁ ଉଠିଥିବା ବେଳେ ହଠାତ୍ ଦନ୍ତା ଆକ୍ରମଣ କରିଥିଲା। ଚିତ୍କାର ଶୁଣି ପଡ଼ୋଶୀ ଉଠିପଡ଼ି ପାଟି କରିବାରୁ ହାତୀ ତାଙ୍କୁ ଛାଡ଼ି ପଳାଇଥିଲା। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ ତାଳଚେର ଏବଂ ପରେ ଅନୁଗୋଳ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଞ୍ଚଳରେ ହାତୀପଲ ଚଳପ୍ରଚଳ କରୁଛନ୍ତି। ଏ ସମ୍ପର୍କରେ ଅବଗତ କରାଗଲେ ମଧ୍ୟ ବନ କର୍ମଚାରୀ ପହଞ୍ଚୁନାହାନ୍ତି। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଫରେଷ୍ଟର ରାମଚନ୍ଦ୍ର ରାଉତ କୁହନ୍ତି, ହାତୀ ଆକ୍ରମଣ ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ।

ପରଜଙ୍ଗ ଅଞ୍ଚଳରେ ଦୀର୍ଘଦିନ ହେଲା ହାତୀପଲ ଉତ୍ପାତ ସୃଷ୍ଟି କରିବା ସହ ବ୍ୟାପକ ଧନଜୀବନ ହାନି କରୁଛନ୍ତି। ବିଭିନ୍ନ ସମୟରେ ହାତୀ ଆକ୍ରମଣରେ ୩୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହେଲେଣି। ବନ ବିଭାଗ ହାତୀ ସ୍କ୍ୱାଡ୍ ଭରସାରେ ରହୁଥିବାବେଳେ ହାତୀଙ୍କୁ ଘଉଡ଼ାଇବା ସମ୍ଭବ ହେଉନାହିଁ। ଏ ନେଇ ଫରେଷ୍ଟର କୁହନ୍ତି, ହାତୀପଲ ବିଭିନ୍ନ ଦଳରେ ବିଭକ୍ତ ହୋଇ ଉପଦ୍ରବ କରୁଛନ୍ତି। ବ୍ୟକ୍ତିଗତ ଅସୁସ୍ଥତା କାରଣରୁ କାମ କରିବାରେ ସମସ୍ୟା ହେଉଥିବା ସେ କହିଛନ୍ତି।

## ଅଗ୍ନି ବିପନ୍ନଙ୍କୁ ବିଦ୍ୟୁତ୍ ସେବା, ରିଲିଫ ବଣ୍ଟନ



**ବଇଣ୍ଡା,୧୩।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଆନ୍ଧଶରମୁଣ୍ଡା ପଞ୍ଚାୟତ ଭୋଗରାର କିଷାନସାହିରେ ଅଗ୍ନିକାଣ୍ଡ ଘଟି ୪୦ ପରିବାରର ୧୧୯ ବଖରା ଘର ଜଳି ଯାଇଥିଲା। ଶନିବାର ବିପନ୍ନ ପରିବାରକୁ ରିଲିଫ ଯୋଗାଯିବା ସହ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି। ଆଠମଲ୍ଲିକ ତହସିଲଦାର ବାସୁଦେବ ମହାପାତ୍ର ଗ୍ରାମରେ ପହଞ୍ଚି ବିପନ୍ନଙ୍କୁ ପଲିଥିନ ଯୋଗାଇ ଦେଇଛନ୍ତି। ସେହିପରି କିଶୋରନଗର ବ୍ଲକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ବିପନ୍ନଙ୍କୁ ଚାଉଳ, ଚୁଡ଼ା, ଡାଲି ଆଦି ପ୍ରଦାନ କରାଯାଇଛି। ସାମାଜିକ କର୍ମୀ ଅର୍ଜୁନ ସାହୁ ପିନ୍ଧାବସ୍ତ୍ର, ଚୁଡ଼ା, ଚିନି ଯୋଗାଇ ଦିଆଯାଇଥିବାବେଳେ ବିଜେଡି ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ସାଏ, ଭାଜପା ବିଧାୟକ ପ୍ରାର୍ଥୀ ଭାଗୀରଥି ପ୍ରଧାନଙ୍କ ସମେତ ବହୁ ନେତା ଯାଇ ବିପନ୍ନଙ୍କୁ ସହାୟତା ପ୍ରଦାନ କରିଛନ୍ତି। ବିଦ୍ୟୁତ୍ ବିଭାଗ ପକ୍ଷରୁ ସେମାନଙ୍କୁ ବିଦ୍ୟୁତ୍ ଯୋଗାଣ କରାଯାଇଛି। କ୍ଷତିଗ୍ରସ୍ତଙ୍କୁ ପକ୍କା ଘର ଯୋଗାଯିବା ପାଇଁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ନିକଟରେ ଦାବି କରାଯିବ ବୋଲି ସରପଞ୍ଚ ମହେଶ୍ୱର ଦେହୁରି ପ୍ରକାଶ କରିଛନ୍ତି। ପଞ୍ଚାୟତ ପକ୍ଷରୁ ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି।

# ପୋକତୁଙ୍ଗାରେ ଦଣ୍ଡଯାତ୍ରା ଉତ୍ସବ



ଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମ।

**ବନ୍ତଳା, ୧୩।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମରେ ଶନିବାର ଦଣ୍ଡଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ତେରଭୋକତା ଓ ମାନସିକଧାରୀମାନେ ୧୩ ଦିନ ଧରି ରଣେଶ୍ୱର ଠାକୁର ଓ ରାମଚଣ୍ଡୀ କାଳୀଙ୍କୁ ଧରି ଗାଁ ଗାଁ ବୁଲି ଦଣ୍ଡନୃତ୍ୟ ସହିତ ଉପବାସରେ ପାଣିଦଣ୍ଡ ଭାଙ୍ଗିଥିଲେ। ଶନିବାର ସକାଳେ ଏକ ଶୋଭାଯାତ୍ରାରେ ଗ୍ରାମକୁ ପ୍ରବେଶ କରିଥିଲେ। ଅପରାହ୍ନରେ ଜଳଦଣ୍ଡ ଖେଳିବା ସହିତ ପୋଖରୀରେ ପୂଜା କରିଥିଲେ। ପରେ କାଳିକା ଠାକୁରାଣୀ ହାଣ୍ଡୁଳାରେ ହୋମଯଜ୍ଞ ହୋଇଥିଲା। ରାତିରେ ଦଣ୍ଡ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ୧୨ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ସେହିପରି ବଳଙ୍ଗ, ଜଗନ୍ନାଥପୁର, ଟିକର ପଡ଼ା, ପୁରୁଣାକୋଟ, ତୁମୁଣି, ତଳଗଡ଼, ନନ୍ଦପୁର, ବଡକାନ୍ତକୁଳ, ଖିଣ୍ଡା, ଖାଲଙ୍ଗା, ବସଲା, ତଳବହାଲ, ବଲାସିଙ୍ଗା, ପଞ୍ଚମହଲା ଆଦି ଗ୍ରାମରେ ଦଣ୍ଡଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି।

## ପୋଲ ତଳକୁ ଖସିଲା ଟ୍ରାକ୍ଟର

### ଜଣେ ମୃତ, ଜଣେ ଗୁରୁତର

**ବଇଣ୍ଡା,୧୩।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ସାନହୁଲା ପୋଲତଳକୁ ଶନିବାର ସକାଳେ ଏକ ଚୋରା କୋଇଲା ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଟ୍ରାକ୍ଟରରେ ବସିଥିବା ଠାକୁରଗଡ଼ ଥାନା ବରପାଲି ଗ୍ରାମର ହାଡ଼ିବନ୍ଧୁ ନାୟକ(୪୦)ଙ୍କ ମୃତ୍ୟୁ ହୋଇଥିବାବେଳେ ଚାଳକ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର



ବିଷ୍ଣୁଚରଣ ସ୍ୱାଇଁ ଗୁରୁତର ହୋଇଛନ୍ତି। ବିଷ୍ଣୁଙ୍କୁ ସ୍ଥାନୀୟ ଗ୍ରାମବାସୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

ପୋଲିସ କହିଛି, ହାଡ଼ିବନ୍ଧୁ ବରପାଲି ଗ୍ରାମରେ ଏକ ଇଟାଭାଟି ନିର୍ମାଣ କରିଛନ୍ତି। ଇଟା ପୋଡ଼ିବା ପାଇଁ ଲୁହାମୁଣ୍ଡା ଅଞ୍ଚଳରୁ ଚୋରାରେ ଏକ ନମ୍ବର ବିହୀନ ଟ୍ରାକ୍ଟର ଯୋଗେ କୋଇଲା ବରପାଲି ଅଭିମୁଖେ ଆଣୁଥିବାବେଳେ ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡ଼ିଥିଲା। ଖବରପାଇ ଠାକୁରଗଡ଼ ଆଇଆଇସି ଗବାକ୍ଷ ନାୟକ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରିଛନ୍ତି। ଏ ନେଇ ନଂ. ୩୪/୧୯ରେ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠମଲ୍ଲିକ ଉପଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି।

# ବାଲଭବନ ବାର୍ଷିକ ଉତ୍ସବ



**ତାଳଚେର,୧୩।୪(ନି.ପ୍ର.)**

କଣିହାଁ ସ୍ଥିତ ଏନ୍‌ଟିପିସି ବାଲଭବନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଟିପିସି ଜିଜିଏମ୍ ରମେଶ ବାବୁ ଭି, ତନଭି ସଙ୍ଗମ ସଭାପତି ବାଣୀ ଭି. ଏହାକୁ ଉଦ୍‌ଘାଟନ କରିଥିଲେ। ବାଲଭବନର ବର୍ଷସାରା ଆୟୋଜିତ କାର୍ଯ୍ୟକ୍ରମ, ଶିକ୍ଷାଦାନକୁ ଜିଜିଏମ୍ ପ୍ରଶଂସା କରିଥିଲେ। ସମ୍ପାଦିକା ଲକ୍ଷ୍ମୀ ସୁଧାକର ବାର୍ଷିକ ବିବରଣୀ ପାଠ କରିଥିଲେ ଓ ବାଲଭବନର ଇନଚାର୍ଜ ସୁସ୍ମିତା ଆଚାର୍ଯ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜେନେରାଲ ମ୍ୟାନେଜର ଏନ.ଏସ. ରାଓ, କେ.ଦାସ, ନବୀନ ବାଗୀ, ଏଜିଏମ୍ କେ.ଏସ୍. ଶର୍ମା, ବରିଷ୍ଠ ଅଧିକାରୀ, ତନଭି ସଙ୍ଗମର ସଦସ୍ୟା, ୟୁନିୟନ ପ୍ରତିନିଧିଗଣ ଉପସ୍ଥିତ ଥିଲେ।

# ଆଠମଲ୍ଲିକ ଚାମ୍ପିୟନ

**ବଇଣ୍ଡା,୧୩।୪(ଡି.ଏନ.ଏ.)**



କିଶୋରନଗର ବ୍ଲକ ହଣ୍ଡପା ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ମା’ ୱାରିୟର୍ସ ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ କପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ପାପସରା କ୍ରିକେଟ୍ କ୍ଲବକୁ ହରାଇ ଆଠମଲ୍ଲିକ କ୍ରିକେଟ୍ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ଆଠମଲ୍ଲିକ ବ୍ୟାଟିଂ କରି ୬୮ ରନ କରିଥିଲା। ଜବାବରେ ପାପସରା ୪୪ ରନ କରି ପରାସ୍ତ ହୋଇଥିଲା। ଟିଣ୍ଟୁ ବେହେରା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ବାବୁଲି ସାହୁ, ରଶ୍ମି ଭୂତିଆ ମ୍ୟାଚ ପରିଚାଳନା କରିଥିଲେ। ମାନସ ପରିଡ଼ା, ସହଦେବ ପ୍ରଧାନ ଧାରା ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲାପରିଷଦ ସଦସ୍ୟ ଅଜୟ କୁମାର ପ୍ରଧାନ, ଅନିଲ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ବିଭିନ୍ନ ଅଞ୍ଚଳରେ ମେରୁ ଉତ୍ସବ



**ବଅଁରପାଳ, ୧୩।୪(ଡି.ଏନ.ଏ.)**

ବଅଁରପାଳ ବ୍ଲକର ବିଭିନ୍ନ ଅଞ୍ଚଳରେ ଶନିବାର ମେରୁ ଉତ୍ସବ ପାଳିତ ହୋଇଯାଇଛି। କୁଲାଡ଼, ଗିରାଙ୍ଗ, ଗଡ଼ସନ୍ତ୍ରୀ ବଳରାମପ୍ରସାଦ, ବଉଳିଗଡ଼, ନୂଆହତା, କାଣ୍ଡସର, ତୁରଙ୍ଗ ସମେତ ବିଭିନ୍ନ ସ୍ଥାନ ଏହି ଉତ୍ସବ ପାଳନ କରାଯାଇଥିଲା। ସକାଳେ ଦଣ୍ଡୁଆମାନେ କାମନା ଘରେ ପହଞ୍ଚିବା ପରେ ପୂଜାର୍ଚ୍ଚନା ହୋଇଥିଲା। ଏହାପରେ ପୂର୍ବାହ୍ନରେ ଧୂଳିଦଣ୍ଡ ପରେ ପାଣିଦଣ୍ଡ ସମାପନ ହୋଇଥିଲା। ଅପରାହ୍ନରେ ମା’ଙ୍କ ବଡ଼ ପୂଜା ସମ୍ପନ୍ନ ହୋଇଥିଲା। ମାନସିକ ପୂରଣ ନିମନ୍ତେ ବହୁ ଶ୍ରଦ୍ଧାଳୁ ଅଧିଆ ପଡିଥିଲେ।

# ଶ୍ରୀବସ୍ତ ସାହିତ୍ୟ ସଂସଦ ସଭାପତି

**ବଇଣ୍ଡା,୧୩।୪(ଡି.ଏନ.ଏ.)**



ତ୍ରିଧାରା ସାହିତ୍ୟ ସଂସଦର ବାର୍ଷିକ ବୈଠକ।

କିଶୋରନଗର ବ୍ଲକ ବଇଣ୍ଡା ତ୍ରିଧାରା ସାହିତ୍ୟ ସଂସଦର ବାର୍ଷିକ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ଶୁକ୍ରବାର ବିଶ୍ୱଯୁବ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିରଞ୍ଚି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମାମୁଲି ସାହୁ, ସନ୍ତୋଷ ପ୍ରଧାନ, ଗଦାଧର ନାୟକ, ଗୁଣନିଧି ପ୍ରଧାନ, ହିମାଂଶୁ ଦେଓ, ଦିଲୀପ ମିଶ୍ରଙ୍କ ସମେତ ସମସ୍ତ ସଭ୍ୟ ଯୋଗ ଦେଇଥିଲେ। ଏଥିରେ ସଂସଦର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ରଜ ପର୍ବରେ ସଂସଦର ଶିଶୁ ପତ୍ରିକା ‘ତୁଳସୀ’ ପ୍ରକାଶ ପାଇବ ବୋଲି ନିଷ୍ପତ୍ତି ହୋଇଥିଲା। ପରେ ସଂସଦର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଶ୍ରୀବସ୍ତ ପ୍ରଧାନ, ଉପସଭାପତି ମନୋଜ କୁମାର ମହାପାତ୍ର, ସମ୍ପାଦକ ରମେଶ ଚନ୍ଦ୍ର ମିଶ୍ର, ସହ ସମ୍ପାଦକ ଘନଶ୍ୟାମ ସାହୁ, ସଭ୍ୟ ଭାବେ ବିଶ୍ୱାମିତ୍ର ସାହୁ, ବାସୁଦେବ ବେହେରା, ନିତ୍ୟାନନ୍ଦ ବାରିକ, ବନିତା ପ୍ରଧାନ ମନୋନୀତ ହୋଇଥିଲେ।

## ସର୍ପ ଦଂଶନରେ ବାଳକ ମୃତ

**ରାଇରଙ୍ଗପୁର,୧୩।୪ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ବନ୍ତଳିଗୋଡା ଗ୍ରାମରେ ବିଷାକ୍ତ ସର୍ପ ଦଂଶନରେ ଟାଙ୍ଗୁଲି ଦେହୁରୀ ନାମକ ଜଣେ ୧୫ ବର୍ଷ ବାଳକଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ରାସଗୋବିନ୍ଦପୁର,୧୩।୪ (ଡି.ଏନ.ଏ.)**

ବାରିପଦା-ରାସଗୋବିନ୍ଦପୁର ରାସ୍ତାର ଦମକଳ କେନ୍ଦ୍ର ନିକଟରେ ସଡ଼କ ଦୁର୍ଘଟଣା ଘଟି ଧରା ମାରାଣ୍ଡି (୫୦) ନାମକ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କ ଘର ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଉଦାଳିପାଳ ଗ୍ରାମରେ ବୋଲି ପୋଲିସ କହିଛି।

# ସ୍ପିରିଟ୍ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ,୧୩।୪**



ଅତିଥି କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

ଢେଙ୍କାନାଳ ସଦର ବ୍ଲକ ବଳଦିଆବନ୍ଧ ପଞ୍ଚାୟତ ପାଇକଦହିକୋର ତ୍ରିନାଥ ଛକସ୍ଥିତ ସ୍ପିରିଟ୍ ଡ୍ୟାନ୍ସ ଏକାଡେମୀର ୩ୟ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୀତିକାର ଅବନୀ ମିଶ୍ର, ମୁଖ୍ୟବକ୍ତା ସାମାଜିକ କର୍ମୀ ଇଂ. ସୌମ୍ୟବ୍ରତ ସାହୁ, ଶଙ୍କର୍ଷଣ ଜେନା, ଖବରଦାତା ବିମଳ କୁମାର ଅମ୍ବ, ସରପଞ୍ଚ ସୁଶାନ୍ତ କୁମାର ଜେନା ଯୋଗଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଜ୍ଞାନରଞ୍ଜନ ମହାନ୍ତି, ନୃତ୍ୟଗୁରୁ ପ୍ରିୟବ୍ରତ ନାୟକ, ଅଧକ୍ଷ ରୁଦ୍ରାକ୍ଷ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରେନକ୍ ଚୌଧୁରୀ, ଜିତୁ ପାତ୍ର, ଦୀପକ ବେହେରା, ମଧୁସ୍ମିତା ମହାନ୍ତିଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଏଥିରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ପ୍ରତାରଣା ଅଭିଯୋଗ

**ସୋର, ୧୩।୪(ଡି.ଏନ.ଏ.):** ସୋର ପୌରପରିଷଦ ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କୁ ତାଙ୍କର ପଡୋଶୀ ସୁରେଶ ଗାୟନ ନାମକ ବ୍ୟବସାୟୀ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ୧୦ଲକ୍ଷ ଟଙ୍କା ନେଇଯାଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଉକ୍ତ ମହିଳାଙ୍କ ସହ ଉକ୍ତ ବ୍ୟବସାୟୀ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ମହିଳା ଜଣକ ଗର୍ଭବତୀ ହେବାରୁ ସେ ତାଙ୍କୁ ପ୍ରତାରଣା କରିଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୧୫୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### 'ଲୋକଙ୍କ ସହ ଯୋଡ଼ି ହୋଇ ରହିବା ଆବଶ୍ୟକ'

**ଭଦ୍ରକ ଅଫିସ, ୧୩।୪:** ସ୍ଥାନୀୟ ସାମରାଇପୁର ସାମାଜିକ ସଙ୍ଗଠନ ଗ୍ରାମ ଉତ୍ଥାନର ତ୍ରୟୋବିଂଶ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଙ୍ଗଠନର କ୍ଷେତ୍ର ପରିଚାଳକ ବୈକୁଣ୍ଠନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସ୍ୱନକ୍ଷତ୍ର ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଡିପିଏମ୍‌ୟୁ ଶୁଭାଶିଷ କାମିଲା, ପ୍ରକଳ୍ପ ସହାୟକ ଦେବାଶିଷ ଭୂୟାଁ ଓ ଭଦ୍ରକ ପୌରପାଳିକାର ସହର ମିଶନ ପରିଚାଳକ ରୋହିଣୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀ ସଙ୍ଗଠନର କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସଙ୍ଗଠନ ନିଜର କାର୍ଯ୍ୟଦକ୍ଷତା ବଳରେ ସାଧାରଣ ଲୋକଙ୍କ ସହ ଯୋଡ଼ି ହେବାର ଆବଶ୍ୟକତା ରହିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ସୁନୀଲ କୁମାର ଅତିଥି ପରିଚୟ ପ୍ରଦାନ ଓ ଶାଖା ପରିଚାଳକ ବସନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଷ୍ଠା ଉତ୍ସବରେ ସଙ୍ଗଠନର ବିଭିନ୍ନ ଶାଖାର କର୍ମକର୍ତ୍ତା ଯୋଗ ଦେଇଥିଲେ।

### ଭାଜପାର ପଞ୍ଚାୟତ କର୍ମୀ ସମ୍ମିଳନୀ



**ଭଣ୍ଡାରିପୋଖରୀ, ୧୩।୪ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଭାଜପା ପକ୍ଷରୁ ଶୁକ୍ରବାର ଜଳମଣ୍ଡୁଆ, ନିର୍ଗୁଣ୍ଡି, ବିଷ୍ଣୁପୁର, ନଗୁଁଆ ପଞ୍ଚାୟତର କର୍ମୀ ସମ୍ମିଳନୀ ଓ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଜଳମଣ୍ଡୁଆଠାରେ ସରପଞ୍ଚ ଜଗବନ୍ଧୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଭଦ୍ରକ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ଧଳ, ମହିଳା ମୋର୍ଚ୍ଚା ସଭାନେତ୍ରୀ ତପସ୍ୱିନୀ ମହାପାତ୍ର, ଦୁର୍ଗାଚରଣ ଦାସ ଓ ନିର୍ମଳ କର ପ୍ରମୁଖ ଯୋଗ ଦେଇଥିଲେ। ସାଧାରଣ ନିର୍ବାଚନରେ ଦଳ କିପରି ବିଜୟଲାଭ କରିବ ସେନେଇ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ବଳରାମ ରାଉତ, ଜୟସ୍ମିତା ଗୋଚ୍ଛାୟତ, ପ୍ରେମଲତା କର ଓ ସନ୍ତୋଷ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟ ଦଳର କର୍ମୀମାନେ ଭାଜପାରେ ସାମିଲ ହୋଇଥିଲେ।

### ସ୍ୱାଧୀନ ପ୍ରାର୍ଥୀ ଶ୍ରୀମନ୍ତଙ୍କ ନିର୍ବାଚନ ପ୍ରଚାର



**ବଡବିଲ, ୧୩।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନୀ ରଣ କ୍ଷେତ୍ରରେ ପ୍ରଥମଥରପାଇଁ ପାଦ ଥାପିଥିବା ସ୍ୱାଧୀନପ୍ରାର୍ଥୀ ଶ୍ରୀମନ୍ତ ତ୍ରିପାଠୀ ପ୍ରଚାରରେ ଶୁକ୍ରବାର ସନ୍ଧ୍ୟାରେ ବଡବିଲସ୍ଥିତ ଧୋବି ହଟିଂରେ ପହଞ୍ଚିଥିବା ଜଣାପଡିଛି। ଭାଜପା ଦଳରେ କିଛି ମାସ ତଳେ ଯୋଗଦେଇ ଦଳୀୟ ଟିକେଟ ଆଶା ରଖି ନିରାଶ ହୋଇ ଶେଷରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରୁଥିବା ଶ୍ରୀମନ୍ତ ଧୋବିହଟିଂରେ କେତେକ ସମର୍ଥକଙ୍କ ସହ ବୈଠକରେ ନିଜକୁ ଚୌକିଦାର ବୋଲି କହିଛନ୍ତି। ସେ କହିଛନ୍ତି ଯେ, ଭତ୍ତା, ଛତା, ଜୋତା ପ୍ରଲୋଭନରେ ନ ଯାଇ ଉପଯୁକ୍ତ ପ୍ରାର୍ଥୀଙ୍କୁ ଜିତାନ୍ତୁ। ଲୋକେ ତାଙ୍କୁ ପୂର୍ଣ୍ଣମାତ୍ରାରେ ସମର୍ଥନ କରୁଛନ୍ତି ଓ ତାଙ୍କର ବିଜୟ ସୁନିଶ୍ଚିତ ବୋଲି ସେ ଗଣମାଧ୍ୟମ କୁ ଜଣାଇଛନ୍ତି।

## ଭଦ୍ରକରେ ଶ୍ରୀରାମ ନବମୀ ମହୋତ୍ସବ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ

**ଲକ୍ଷାଧିକ ଭକ୍ତଙ୍କ ସମାଗମ**



ଶୋଭାଯାତ୍ରାରେ(ବାମରୁ) ସୁସଜ୍ଜିତ ମେଢ଼ରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ।



ପାରମ୍ପରିକ ବାଦ୍ୟ।



ଘୋଡ଼ାଗାଡ଼ିରେ ପ୍ରଭୁ ଶ୍ରୀରାମଙ୍କୁ ନିଆଯାଉଛି।

# ଶୋଭାଯାତ୍ରାରେ ୬୦ରୁ ଉର୍ଦ୍ଧ୍ୱ ମେଢ଼ ସାମିଲ

**ଭଦ୍ରକ ଅଫିସ, ୧୩।୪**

ଭଦ୍ରକର ପ୍ରସିଦ୍ଧ ଶ୍ରୀରାମ ନବମୀ ମହୋତ୍ସବ ପାଇଁ ଶନିବାର ଗାନ୍ଧୀପଡ଼ିଆ ସମେତ ସହର ପରିବେଶ ଲୋକାରଣ୍ୟ ହୋଇପଡ଼ିଥିଲା। ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଲୋକ ମହୋତ୍ସବ ଭାବେ ପରିଗଣିତ ଶ୍ରୀରାମ ନବମୀ ସମାରୋହରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବିଶାଳ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ବାହାରିଥିଲା। ଏଥରେ ୬୦ରୁ ଉର୍ଦ୍ଧ୍ୱ ସୁସଜ୍ଜିତ ମେଢ଼ ସାମିଲ ହୋଇଥିଲେ। ପୌରାଞ୍ଚଳରେ ବିଭିନ୍ନ ସାହି, ବସ୍ତି ସମେତ ଜିଲାର ବିଭିନ୍ନ ବ୍ଲକରୁ ସୁସଜ୍ଜିତ ମେଢ଼ ବାହାରି ଶୋଭାଯାତ୍ରାକୁ ଆସିଥିଲେ। ଅପରାହ୍ନ ସାଢ଼େ ୩ଟାରୁ ନୃତ୍ୟ, ବାଦ୍ୟ, ସଂକୀର୍ତ୍ତନ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଶୋଭାଯାତ୍ରା ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ନୃତ୍ୟ ଓ ବାଦ୍ୟରେ ସହରର ସବୁ ରାସ୍ତାଘାଟ ଦୁଲୁକି ଉଠିଥିଲା। ଶୋଭାଯାତ୍ରାକାରୀମାନେ ସହର ପରିକ୍ରମା କରି ଗାନ୍ଧୀପଡ଼ିଆରେ ପହଞ୍ଚିବା ପରେ ଏହା ଉଦ୍‌ଯାପିତ ହୋଇଥିଲା। ଏଥିସହ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଗାନ୍ଧୀପଡ଼ିଆରେ ୭ ଦିନ ବ୍ୟାପୀ ଚାଲିଥିବା ଐତିହାସିକ ଶ୍ରୀରାମ ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ଶ୍ରୀରାମ ନବମୀ ପୂଜାର୍ଚ୍ଚନା ଦେଖିବା ସକାଶେ ଭକ୍ତଙ୍କ ଭିଡ଼ ଜମିବାରୁ ଗାନ୍ଧୀପଡ଼ିଆ ପରିସର ଲୋକାରଣ୍ୟ ହୋଇପଡ଼ିଥିଲା। ସହରର ଟ୍ରାଫିକ ନିୟନ୍ତ୍ରଣ ସାଙ୍ଗକୁ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ପାଗ ଅନୁକୂଳ ଥିବାରୁ ଲକ୍ଷାଧିକ ଭକ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ଉତ୍ସାହର ସହିତ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତଙ୍କ ତତ୍ତ୍ୱାବଧାନରେ ୨ ଜଣ ଅତିରିକ୍ତ ଏସ୍‌ପି, ୧୦ ଡିଏସ୍‌ପି, ୨୬ ଇନ୍ସପେକ୍ଟର, ୧୩୨ ସବ୍‌ଇନ୍ସପେକ୍ଟରଙ୍କ ସମେତ ଏଏସ୍‌ଆଇ, ୫୦ ପ୍ଲାଟୁନ ସିଆରପିଏଫ୍, ୭୨ ହୋମଗାର୍ଡ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ଥିଲେ। ମେଢ ସମ୍ମୁଖ, ଡାହାଣ ଓ ବାମ ପାର୍ଶ୍ୱରେ ପୋଲିସ ମୁତୟନ ରହିଥିଲେ। ଏଥିସହ ସାଦା ପୋଷାକରେ ସ୍ୱତନ୍ତ୍ର ପୋଲିସ ନିୟୋଜିତ ଥିଲେ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଆୟୋଜିତ ନଗର ସଂକୀର୍ତ୍ତନ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏନେଇ ଯୁବଗୋଷ୍ଠୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଉଦ୍ଦୀପନା ଦେଖିବାକୁ ମିଳିଥିଲା। ସ୍ଥାନୀୟ ନେହେରୁ ଷ୍ଟାଡିୟମରେ ପହଞ୍ଚିଥିବା ସମସ୍ତ ମେଢ଼ର ଶୋଭାଯାତ୍ରା ଅପରାହ୍ନ ସାଢ଼େ ୩ଟାରେ ଆରମ୍ଭ ହୋଇଥିଲା। ଗେଲପୁର, ସଛିଆ, ଏଲଖା, ଗେଲଟିଆ, ଗବସାହି, ଜଗନ୍ନାଥପୁର, ଜାନୁଗଞ୍ଜ, ମଠସାହି, କୁଆଁସ, ରାଜଘାଟ ଆଦି ଅଞ୍ଚଳର ମେଢ ଏଥିରେ ସାମିଲ ହୋଇଥିଲେ। 'ଜୟଶ୍ରୀ ରାମ', 'ଜୟ ବଜରଙ୍ଗ ବଲି' ଧ୍ୱନିରେ ପରିବେଶ କମ୍ପି ଉଠିଥିଲା। ଏହା ସାଙ୍ଗକୁ ଡିଜେ ବାଜା ଓ କେନ୍ଦୁଝରର ମାଦଳ ନୃତ୍ୟ, ଭୁବନେଶ୍ୱରର ଇସ୍କନ କୀର୍ତ୍ତନ ମଣ୍ଡଳୀଙ୍କ କାର୍ଯ୍ୟକ୍ରମ, ଘୋଡ଼ାନାଚ, ପାରମ୍ପରିକ ବାଦ୍ୟ ବାଜଣା ମଧ୍ୟରେ ଶୋଭାଯାତ୍ରା ନିର୍ଦ୍ଧାରିତ ବିଭିନ୍ନ ରାସ୍ତାରେ ଆଗକୁ ଆଗକୁ ବଢ଼ିଥିଲା। ବିଭିନ୍ନ ଛକ ସ୍ଥାନରେ ବହୁ ଅନୁଷ୍ଠାନ ପକ୍ଷରୁ ସୁଦୃଶ୍ୟ ତୋରଣ ନିର୍ମାଣ କରାଯାଇ ଶୋଭାଯାତ୍ରାକାରୀଙ୍କୁ ସ୍ୱାଗତ କରାଯିବା ସହ ଥଣ୍ଡା ପାନୀୟ ସହିତ ସର୍ବତ, ପାଣି ପାଉଚ, ତରଭୁଜ, ଆଇସ୍‌କ୍ରିମ, ପୁରି ଓ ଆଳୁଦମ ଆଦି ଖାଦ୍ୟ ଦିଆଯାଇଥିଲା। ଶୋଭାଯାତ୍ରା ବେଳେ ରାସ୍ତାର ଦୁଇପାର୍ଶ୍ୱରେ ହଜାର ହଜାର ମହିଳା ପୁରୁଷ ଉପସ୍ଥିତ ରହି ଶଙ୍ଖ, ହୁଳହୁଳି ମାଧ୍ୟମରେ ମେଢ଼ଗୁଡିକୁ ସ୍ୱାଗତ ଜଣାଇଥିଲେ। କମିଟି ସଭାପତି ରାୟରାମାନନ୍ଦ ମହାପାତ୍ର, ତୁଷାର ଦାସ, ମନମୋହନ ସାମଲ, ବଦ୍ରିନାରାୟଣ ଧଳ, ଡା. ପ୍ରଦୀପ ନାୟକ, ସଂଗ୍ରାମ ଆଚାର୍ଯ୍ୟ, ମାନସ ମହାନ୍ତି, ବିଷ୍ଣୁ ସେଠୀ, ସରୋଜ ପଢିଆରୀ, ତପନ ମହାନ୍ତି, ସ୍ୱାଧୀନ ସୁନ୍ଦର ଦାସ ଓ ନିଲୁ ସେନାପତି ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ। ଭାଇଚାରାର ସହର ଭଦ୍ରକରେ ରାମନବମୀ ସମାରୋହ ପ୍ରତିବର୍ଷ ଏକ ସ୍ୱତନ୍ତ୍ର ସାଂସ୍କୃତିକ ଗୁରୁତ୍ୱ ବହନ କରିଆସୁଛି। ଗତବର୍ଷ ଏହି ମହୋତ୍ସବ ରୌପ୍ୟ ଜୟନ୍ତୀ ପାଳନ କରିଛି।

## ଘୋଡ଼ାଗାଡ଼ିରେ ପ୍ରଭୁ ଶ୍ରୀରାମ

**ଭଦ୍ରକ ଅଫିସ, ୧୩।୪**

ଭଦ୍ରକର ପ୍ରସିଦ୍ଧ ଶ୍ରୀରାମ ନବମୀ ଶୋଭାଯାତ୍ରା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଏଥିରେ ଘୋଡ଼ା ଯୋଚା ହୋଇଥିବା ଏକ ଗାଡ଼ିରେ ପ୍ରଭୁ ଶ୍ରୀରାମଙ୍କ ସୁସଜ୍ଜିତ ମୂର୍ତ୍ତି ସ୍ଥାନ ପାଇଥିଲା। ଏହା ଦର୍ଶକଙ୍କ ମନ ମୋହିଥିଲା। ଘଣ୍ଟୁଆଙ୍କ ଘଣ୍ଟନାଦ, ମୃଦଙ୍ଗ ବାଦ୍ୟ ଓ ଜୟ ଶ୍ରୀରାମ ଧ୍ୱନିରେ ଶୋଭାଯାତ୍ରା ଆଗକୁ ବଢିଥିଲା।

**ଡିଜେ ସାଙ୍ଗକୁ ଭାଇବ୍ରେଟର୍**

ପ୍ରଶାସନ ପକ୍ଷରୁ ଡିଜେ ଉପରେ କଟକଣା କରାଯାଇଥିଲେ ମଧ୍ୟ ଅଧିକାଂଶ ମେଢ଼ ଶୋଭାଯାତ୍ରାରେ ଡିଜେ ଓ ଭାଇବ୍ରେଟର୍ ବ୍ୟବହାର କରାଯାଇଥିବା ଦେଖିବାକୁ ମିଳିଥିଲା। ସବୁ ମେଢ଼ରେ ୪ଟି ଡିଜେ ବକ୍ସ ଦେଖିବାକୁ ମିଳିଥିଲା।

**ଭକ୍ତି କମ୍, ମଉଜ ମସ୍ତି ଅଧିକ**

ଶ୍ରୀରାମ ନବମୀ ମେଢ଼ ଶୋଭାଯାତ୍ରାରେ ଭକ୍ତିଭାବନା ତୁଳନାରେ ମନୋରଞ୍ଜନ ଅଧିକ ଗୁରୁତ୍ୱ ପାଇବା ଭଳି ମନେ ହୋଇଥିଲା। ଯୁବଗୋଷ୍ଠୀଙ୍କ ମଉଜ ମସ୍ତି ଅଧିକ ହେଉଥିବା ଦେଖାଯାଇଥିଲା। ଏଭଳି ମାତ୍ରାଧିକ ମଉଜ ମସ୍ତିକୁ କେତେକ ସହରବାସୀ ସମାଲୋଚନା କରିଥିଲେ।

**ଶୋଭାଯାତ୍ରାରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀ**

ଏହି ଶୋଭାଯାତ୍ରାରେ ବିଭିନ୍ନ ଦଳର ନିର୍ବାଚନ ଲଢୁଥିବା ପ୍ରାର୍ଥୀ ସାମିଲ ଥିଲେ। ଭଦ୍ରକ ବିଧାନସଭା ଆସନର ଭାଜପା ପ୍ରାର୍ଥୀ ଡା. ପ୍ରଦୀପ ନାୟକ, ବିଜେଡିର ସଞ୍ଜୀବ ମଲ୍ଲିକ, କଂଗ୍ରେସର ନଳିନୀକାନ୍ତ ମହାନ୍ତି, ଧାମନଗର ବିଧାନସଭା ଆସନର ପ୍ରାର୍ଥୀ ବିଷ୍ଣୁ ସେଠୀ ଏବଂ ଭଣ୍ଡାରିପୋଖରୀର ଭାଜପା ପ୍ରାର୍ଥୀ ବଦ୍ରିନାରାୟଣ ଧଳ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଦଳୀୟ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ଯାଉଥିବା ଲୋକଙ୍କୁ କୋଳାକୋଳିର ଦୃଶ୍ୟରୁ ରାଜନୈତିକ ଉଷ୍ମତା ବାରି ହେଉଥିଲା।

**ପୋଲିସ ନାକେଦମ୍**

ସହରରେ ଏଭଳି ଶୋଭାଯାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ଡ୍ୟୁଟିରେ ଥିବା ପୋଲିସ ବାବୁମାନଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ଅପରାହ୍ନ ୨ଟାରୁ ରାତି ୩ ଟା ପର୍ଯ୍ୟନ୍ତ ଡ୍ୟୁଟି କରୁଥିବା ପୋଲିସ କର୍ମଚାରୀମାନେ ଥକି ପଡ଼ିବା ଭଳି ପ୍ରତୀତ ହୋଇଥିଲା। କେତେକ ସ୍ଥାନରେ ପୋଲିସ କର୍ମଚାରୀ ବସିପଡ଼ି ବିଶ୍ରାମ ନେଉଥିବା ମଧ୍ୟ ଦେଖାଯାଇଥିଲା।

**୩୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଖାଦ୍ୟ, ପାନୀୟ ବ୍ୟବସ୍ଥା**

ଖରାବେଳେ ଶୋଭାଯାତ୍ରାକାରୀଙ୍କୁ ବିଭିନ୍ନ ସ୍ଥାନରେ ଥଣ୍ଡା ପାନୀୟ ସାଙ୍ଗକୁ ଆଇସ୍‌କ୍ରିମ ବଣ୍ଟନ କରାଯାଇଥିଲା। ଏଥିସହ ମିଳିଥିଲା ତରଭୁଜ ଆଉ ପୁରି ଆଳୁକଷା। ବିଭିନ୍ନ ବଦାନ୍ୟ ସଙ୍ଗଠନ ପକ୍ଷରୁ ୩୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଏହି ବ୍ୟବସ୍ଥା କରାଯାଇଥିଲା। ପୁରୁଣାବଜାରସ୍ଥିତ ମୁଲଣାସାହି ଛକରେ ଆଇନଜୀବୀ ତାହେର ଅହମ୍ମଦଙ୍କ ନେତୃତ୍ୱରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ଶୋଭାଯାତ୍ରାକାରୀଙ୍କୁ ଥଣ୍ଡା ପାନୀୟ ବଣ୍ଟନ କରାଯାଇଥିଲା।

**ମେଢ଼କୁ ନେଇ ପ୍ରତିଯୋଗିତା**

ପ୍ରତିବର୍ଷ ଶୋଭାଯାତ୍ରାରେ ସାମିଲ ହେଉଥିବା ସୁସଜ୍ଜିତ ମେଢ଼ଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ମେଢ଼କୁ ଆୟୋଜକଙ୍କ ପକ୍ଷରୁ ପୁରସ୍କୃତ କରାଯାଇଆସୁଛି। ଏଥିଲାଗି ମେଢ଼ ନିର୍ମାଣକାରୀଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥାଏ। ଏଥର ଏହି ପ୍ରତିଯୋଗିତାରେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ଲକ୍ଷାଧିକ ଟଙ୍କା ବ୍ୟୟରେ ମେଢ଼ଗୁଡ଼ିକୁ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଥିଲା। କେଉଁ ମେଢରେ ରାମ ରାବଣ ଯୁଦ୍ଧର ଦୃଶ୍ୟ ତ ଆଉ କେଉଁ ମେଢରେ ପ୍ରଭୁ ଶ୍ରୀରାମଙ୍କ ସହ ହନୁମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଘଟଣାବଳୀ ସ୍ଥାନ ପାଇଥିଲା।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଏକ ମେଢ଼।



ପରିବେଷିତ କଙ୍କାଳ ନୃତ୍ୟ।



ରାସ୍ତା ପାର୍ଶ୍ୱରେ ପୋଲିସ ମୁତୟନ।



ଶୋଭାଯାତ୍ରାରେ ପାଇଲଟ ଅଭିନନ୍ଦନ।

■ ପଣାସଂକ୍ରାନ୍ତି ପାଇଁ ଚଳଚଞ୍ଚଳ ଭେଡାନାୟକାଣୀ ପୀଠ

## ପାଟୁଆ ନାଚରେ ଦୁଲୁକୁଛି ଗାଁ ଦାଣ୍ଡ

**ପଦ୍ମପୁର, ୧୩।୪ (ଡି.ଏନ୍.ଏ.)**

ଭଦ୍ରକଜିଲା ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତରେ ଥିବା ଭେଡାନାୟକାଣୀ ପୀଠ ପଣାସଂକ୍ରାନ୍ତି ପାଇଁ ଚଳଚଞ୍ଚଳ ହୋଇଉଠିଛି। ରବିବାର ହେବାକୁ ଥିବା ପ୍ରସିଦ୍ଧ ଝାମୁଯାତ୍ରା ଲାଗି ଅଞ୍ଚଳବାସୀ ତତ୍ପର ହୋଇପଡ଼ିଛନ୍ତି। ମା'ଙ୍କଠାରେ ମାନସିକଧାରୀ ପାଟୁଆମାନେ ପାଟୁଆ ନାଚ କରିବେ। ଏଥିପାଇଁ ଗାଁ ଗାଁ ବୁଲି ଗ୍ରାମଦେବତୀଙ୍କଠାରେ ଆରମ୍ଭ ହୋଇଥିବା ପାଟୁଆ ନାଚରେ ଗାଁ ଦାଣ୍ଡ ଦୁଲୁକୁଛି। ଏଥିଲାଗି ଏକ ସପ୍ତାହ ଧରି ନିରାମିଷ, ଅରୁଆ ଅନ୍ନ ଭୋଜନ ସହ ନିଷ୍ଠାର ସହିତ ପର୍ବ ପାଳନ କରିଛନ୍ତି ମାନସିକଧାରୀ। ପଦ୍ମପୁର, ଜଗନ୍ନାଥପ୍ରସାଦ, ବାଲିମେଦ, ଲକ୍ଷ୍ମୀଦାସପୁର, ରାଜଘରପୋଖରୀ, ଆଲୋଳ, ବିରସ, ବିଦେଇପୁର, କରଞ୍ଜଆଡିଆ, ନାୟକାଣିଡିହୀ, ସାନକୃଷ୍ଣପୁର, କିସମତକୃଷ୍ଣପୁର, ଗୁଆଗଡ଼ିଆ, ଏଡତାଳ, ସୁଗୋ, ଲୁଙ୍ଗା ପଞ୍ଚାୟତ ଏବଂ ତିହିଡି ଅଞ୍ଚଳରୁ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ମା'ଙ୍କ ପୀଠରେ ସମାଗମ ହେବ ବୋଲି ସୂଚନା ମିଳିଛି। ମାନସିକଧାରୀ ପାଟୁଆମାନେ ଗାଁ ଗାଁ ବୁଲି ପାଟୁଆ ନୃତ୍ୟ କରି ଗ୍ରାମଦେବତୀଙ୍କର ପୂଜାର୍ଚ୍ଚନା କରୁଥିବା ବେଳେ ରବିବାର ପୀଠରେ ପୂଜାର୍ଚ୍ଚନା କରିବେ। ପୀଠରେ ମାନସିକଧାରୀ ମାଟିଘୋଡ଼ା ଅର୍ପଣ କରି ମା' ଙ୍କ ଦର୍ଶନ କଲେ ମନସ୍କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିବା ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା ସୂଚନା ଦେଇଛନ୍ତି। ଆଇନଶୃଙ୍ଖଳା ରକ୍ଷା ପାଇଁ ନାୟକାଣିଡିହୀ ଥାନା ପୋଲିସ ଆଗୁଆ ପଦକ୍ଷେପ ନେଇଥିବା ଜଣାଯାଇଛି।



ଗାଁ ଦାଣ୍ଡରେ ଅନୁଷ୍ଠିତ ପାଟୁଆ ନାଚ।

## ଦୋହରାପାଟଣାରେ ବାସନ୍ତୀଦୁର୍ଗା ପୂଜା



ମଣ୍ଡପରେ ପୂଜା ପାଉଛନ୍ତି ମା' ବାସନ୍ତୀଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

**ଆରଡ଼ି, ୧୩।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଦୋହରାପାଟଣା ବାସନ୍ତୀଦୁର୍ଗା ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି। ଗୁରୁବାରଠାରୁ ଆରମ୍ଭ ହୋଇଥିବା ୬୪ତମ ବାସନ୍ତୀଦୁର୍ଗା ପୂଜା ରବିବାର ଉଦ୍‌ଯାପନ ହେବ। ଏହି ଉପଲକ୍ଷେ ପୂଜାମଣ୍ଡପରେ ମହାସପ୍ତମୀ, ମହାଷ୍ଟମୀ, ମହାନବମୀରେ ଚଣ୍ଡିପାଠ, ଘୃତାହୁତି, ବିବିଧ ପୂଜା ଆଦି ଅନୁଷ୍ଠିତ ହୋଇଥିଲା। ଶନିବାର ଭୋର ୫ଟାରେ ମହାଷ୍ଟମୀ ପୂଜା ସମାପିତ ହୋଇଥିଲା। ଗ୍ରାମରେ ଉପବାସ କରିଥିବା ଶ୍ରଦ୍ଧାଳୁମାନେ ମା'ଙ୍କ ଚରଣାମୃତ ପାନକରି ବ୍ରତ ଭଙ୍ଗ କରିଥିଲେ। ପରେ ମଣ୍ଡପରେ ମହାନବମୀ ପୂଜା ହୋଇଥିଲା। ପୁରୋହିତ ବସନ୍ତ ଶତପଥୀ ଓ ବିଚିତ୍ରାନନ୍ଦ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସଂକଳ୍ପଧାରୀ ଶ୍ରୀକାନ୍ତ ନାୟକ ଓ ତାଙ୍କ ଧର୍ମପତ୍ନୀ ଚାରୁବାଳା ନାୟକ ଭକ୍ତି ଓ ନିଷ୍ଠାର ସହ ସମସ୍ତ ପୂଜାକର୍ମରେ ନିଜକୁ ଉର୍ତ୍ସଗୀକୃତ କରିଥିଲେ। ରବିବାର ମା'ଙ୍କ ମଣ୍ଡପରେ ଦଶହରା ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନାର ବ୍ୟବସ୍ଥା କରାଯାଇଛି। ଦୁର୍ଗାପୂଜା ଉତ୍ସବ ଦେଖିବା ଲାଗି ଆଖପାଖ ୨୫ ଗାଁର ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳୁଛି। ସନ୍ଧ୍ୟାରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ପୂଜା ସ୍ଥାନ ଝଲସୁଛି। ପ୍ରତ୍ୟହ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି।

ଉଲ୍ଲେଖନୀୟ ଯେ, ୧୯୫୩ରୁ ଗ୍ରାମବାସୀଙ୍କ ସହଯୋଗରେ ଏଠାରେ ଆରମ୍ଭ ହୋଇଥିଲା ମା' ବାସନ୍ତୀଦୁର୍ଗା ପୂଜା। ଏଠାକାର ପୂଜାର ବିଶେଷତ୍ୱ ହେଲା ମା'ଙ୍କୁ ଦଶହରା ରାତ୍ରିରେ ବିସର୍ଜନ କରାଯାଇ ଜଳରେ ସମର୍ପଣ କରାଯାଇ ନ ଥାଏ। ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ୧୫ ଦିନ ପର୍ଯ୍ୟନ୍ତ ରଖାଯାଇଥାଏ। ଚଳିତବର୍ଷ ଦଶହରାଠାରୁ ମା'ଙ୍କୁ ଜଳ ସମର୍ପଣ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ଭଜନ ସମାରୋହ, ପାଲା ଆଦି ଆୟୋଜନ କରାଯିବା ସହ ଶେଷ ୩ ଦିନ ଅପେରା ଦ୍ୱାରା ନାଟକ ପରିବେଷଣ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାମର ବରିଷ୍ଠ ବ୍ୟକ୍ତି ନନ୍ଦକିଶୋର ଜେନା କହନ୍ତି, ଦୋହରାପାଟଣାରେ ବିଭିନ୍ନ ଜାତିର ଲୋକ ବାସ କରୁଛନ୍ତି। ଏକତା ବଜାୟ ରଖିବା ନିମନ୍ତେ ସମସ୍ତେ ମିଳିମିଶି ପୂଜା ଆରମ୍ଭ କରିଥିଲେ। ପୂଜା କମିଟି ସଦସ୍ୟ ସଦାନନ୍ଦ ମଳିକ କହିଛନ୍ତି, ସ୍ଥାନୀୟ ଅଞ୍ଚଳରେ ଭାଇଚାରାର ସମ୍ପର୍କ ବୃଦ୍ଧି ପାଇଁ ଏହି ପୂଜା ଚାଲୁ ରହିଛି। ଗାଁକୁ ବିପଦ ଆପଦରୁ ରକ୍ଷା କରିବା ଓ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଏହି ପୂଜା ଆୟୋଜିତ ହୋଇଆସୁଛି ବୋଲି ଗ୍ରାମର ଅନ୍ୟ ଜଣେ ବରିଷ୍ଠ ବ୍ୟକ୍ତି ଲକ୍ଷ୍ମୀଧର ମାଝି କହିଛନ୍ତି।

## ବନ୍ତରେ ରାମନବମୀ ପୂଜା

**ବନ୍ତ, ୧୩।୪ (ଡି.ଏନ.ଏ.):** ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ପୂଜା ଆରମ୍ଭ ହୋଇଛି। ଟିଲୋ ମାଳିସାହି ଛକଠାରେ ଦୀର୍ଘ ୪୨ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଏହି ପୂଜା ଚଳିତବର୍ଷ ମହାସମାରୋହରେ ପାଳିତ ହେଉଛି। ୭ ଦିନ ଧରି ପୂଜା ଚାଲିବ। ନିକଟସ୍ଥ ଗ୍ରେନଗୋଲା ବୁଡି ପୋଖରୀରୁ ଜଳ ଅଣାଯିବା ପରେ ଘଟ ସ୍ଥାପନା କରାଯାଇ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୌରାଙ୍ଗ ପାତ୍ର, ସୁଦାମ ପଢିଆରୀ, ବାବୁଲି ଖୁଣ୍ଟିଆ ଓ ସିପୁନ ଖିଲାର ପ୍ରମୁଖ କଳସ ଆଣିଥିଲେ। ଠାକୁରଙ୍କ ପାଖରେ ଭୋଗ ଲାଗିବା ପରେ ଭକ୍ତମାନେ ପ୍ରସାଦ ସେବନ କରିବା ସହ ଓଷା କରିଥିବା ମହିଳା ଓ ପୁରୁଷ ପଣା ପିଇଥିଲେ। ବନ୍ତ, ଟିଲୋ, ନିଳୋକ, ପଧାନପଡା, ଓଡଙ୍ଗ, ଛୟାଳସିଂହ, ଗଣିଜାଙ୍ଗ ସମେତ ବିଭିନ୍ନ ପଞ୍ଚାୟତର ଶ୍ରଦ୍ଧାଳୁ ଏକାଠି ହୋଇଥିଲେ। ପୂଜା ମଣ୍ଡପରେ ଭଜନକୀର୍ତ୍ତନ ସହ ୩ଦିନ ଧରି ଜଗତସିଂହପୁରରୁ ଆସିଥିବା ପାଲାଗାୟକ ଅରୁଣ ଦାଶଙ୍କ ଦ୍ୱାରା ପାଲା ପରିବେଷଣର କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ଆକର୍ଷଣୀୟ ମଣ୍ଡପ ଓ ତୋରଣ ସହ ରାସ୍ତାର ଉଭୟପାର୍ଶ୍ୱକୁ ବିଭିନ୍ନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ପୂଜା କମିଟି ସଭାପତି ଘନଶ୍ୟାମ ସା, ସମ୍ପାଦକ ମଧୁସୂଦନ ସାମଲ, ବଜାର କମିଟି ସଭ୍ୟ ଜଗବନ୍ଧୁ ଖୁଣ୍ଟିଆ, ଦେବେନ୍ଦ୍ର ନାଥ, ସନାତନ ବିଶ୍ୱାଳ, ଗ୍ରାମର ବିଦ୍ୟାଧର ଲେଙ୍କା, ଅର୍ଜୁନ ପଣ୍ଡା, ସଂଗ୍ରାମ କେଶରୀ ଜେନା ପ୍ରମୁଖ ସହଯୋଗ କରୁଛନ୍ତି। କେନ୍ଦୁଆପଦା, କପାଳିକ୍ଷେତ୍ର ନିମାପଡ଼ା ସମେତ ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ପୂଜା ମହାଆଡ଼ମ୍ବରରେ ପାଳିତ ହେଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ରବିବାର,୧୪ ଏପ୍ରିଲ /୨୦୧୯ Dhenkanal, Sunday April 14 / 2019






## ସଂକ୍ଷେପରେ

### ତାଳଚେରରେ ୪୩ ଡିଗ୍ରୀ ଟପିଲା

ତାଳଚେର, ୧୩।୪(ନି.ପ୍ର.)- ତାଳଚେରର ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଉଛି। ଶନିବାର ଏଠାରେ ତାପମାତ୍ରା ୪୩.୧ ଡିଗ୍ରୀ ଥିବା ସରକାରୀ ଭାବେ ରେକର୍ଡ କରାଯାଇଛି। ଗୁରୁବାର ୪୧.୮ ଡିଗ୍ରୀ ଥିବାବେଳେ ଶୁକ୍ରବାର ତାପମାତ୍ରା ୪୨.୧ ଡିଗ୍ରୀ ରହିଥିଲା। ଆଗାମୀ ଦିନରେ ତାତି ଆହୁରି ବଢ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ସହରର ତାପମାତ୍ରା ଅପେକ୍ଷା ଖଣି ଅଞ୍ଚଳରେ ୪/୫ ଡିଗ୍ରୀ ଅଧିକ ତାପମାତ୍ରା ରହିଛି।

### ୧୫ରେ ଆସିବେ ଯୋଗୀ

ଅନୁଗୋଳ ଅଫିସ, ୧୩।୪- ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ଭାଜପାର ଷ୍ଟାର ପ୍ରଚାରକ ଯୋଗୀ ଆଦିତ୍ୟ ନାଥ ଆସନ୍ତା ୧୫ ତାରିଖରେ ଅନୁଗୋଳ ଷ୍ଟାଡ଼ିୟମକୁ ଭାଜପାର ପ୍ରଚାର ପାଇଁ ଆସିବେ। ଅନୁଗୋଳରେ ତାଙ୍କର ୧ ଘଣ୍ଟା ଧରି ନିର୍ବାଚନ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ସେ ହେଲିକପ୍ଟର ଯୋଗେ ମଧ୍ୟାହ୍ନରେ ଆସି ଅନୁଗୋଳ ଷ୍ଟାଡ଼ିୟମ ସମ୍ମୁଖରେ ଥିବା ହାଇସ୍କୁଲ ପଡ଼ିଆରେ ଅବତରଣ କରିବେ। ଏହାପରେ ନିର୍ବାଚନୀ ସଭାରେ ଯୋଗ ଦେବେ। ଆଦିତ୍ୟ ନାଥଙ୍କ ସୁରକ୍ଷା ପାଇଁ ଅନୁଗୋଳ ପୋଲିସକୁ ସୂଚନା ଆସିଛି ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଯୋଗୀଙ୍କ ଆସିବା ଖବର ଚୂଡ଼ାନ୍ତ ହେବା ପରେ ଭାଜପା ମହଲରେ ଉତ୍ସାହ ଦେଖିବାକୁ ମିଳିଛି।

## ମଧ୍ୟାହ୍ନରେ ଅଢ଼େଇ ଘଣ୍ଟା ବିଦ୍ୟୁତ୍ କାଟ

# ଗରମରେ ଛଟପଟ ଅନୁଗୋଳବାସୀ

**ଅନୁଗୋଳ ଅଫିସ, ୧୩।୪**

ଅନୁଗୋଳରେ ଦିନକୁ ଦିନ ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇ ଚାଲିଥିବାବେଳେ ବିଦ୍ୟୁତ୍ କାଟ ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇଛି। ଶନିବାର ମଧ୍ୟାହ୍ନରେ ସହରରେ ଅଢ଼େଇ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିବା ଯୋଗୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଥିଯୋଗୁ ଅପରାହ୍ନ ପର୍ଯ୍ୟନ୍ତ ପ୍ରବଳ ଗରମରେ ଅନୁଗୋଳବାସୀ ଛଟପଟ ହୋଇଥିଲେ।



ସାମାନ୍ୟ ପବନ, ବର୍ଷାରେ ସହରରେ ବିଦ୍ୟୁତ୍ କାଟ ହେଉଥିବାବେଳେ ବିନା କାରଣରେ ବି ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ କରି ଦିଆଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏବେ ଖରାର ମାତ୍ରା ବଢ଼ି ଚାଲିଥିଲେ ବି ବିଦ୍ୟୁତ୍ କାଟ କରିଦିଆଯାଉଛି। ଅନେକ ସମୟରେ ଦିନ ୧ଟାରୁ ୩ଟା ପର୍ଯ୍ୟନ୍ତ ଲାଇନ୍ କାଟି ଦିଆଯାଉଛି। ଫଳରେ ଲୋକେ ବାହାରକୁ ବାହାରି ପାରୁ ନ ଥିବାବେଳେ ଘରେ ମଧ୍ୟ ଗରମରେ ରହିବା କଷ୍ଟକର ହୋଇପଡୁଛି। ବିଭାଗୀୟ କର୍ମଚାରୀଙ୍କୁ ପଚାରିବାରେ ସେମାନେ ବିଭିନ୍ନ ଆଳ ଦେଖାଉଥିବା ଅଭିଯୋଗ ହେଉଛି। ଶନିବାର ଅଢ଼େଇ ଘଣ୍ଟା ଧରି ବିଜୁଳି କାଟ ହେବା ଯୋଗୁ ଡାକ୍ତରଖାନା ଠାରୁ ଜିଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଆଡ଼େ ଅଚଳାବସ୍ଥା ଦେଖାଦେଇଥିଲା। ଏପରି କି ଡାକ୍ତରଖାନାରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏ ସମ୍ପର୍କରେ ବିଦ୍ୟୁତ ବିଭାଗର ଅଧିକାରୀ ସତ୍ୟଜିତ୍ ଷଡ଼ଙ୍ଗୀ କହିଛନ୍ତି, ହଠାତ୍ ଯାନ୍ତ୍ରିକ ତ୍ରୁଟି ଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଗ୍ରୀଡ଼ରୁ ଏହା ହୋଇଥିବାରୁ ତୁରନ୍ତ ମରାମତି ସହ ନିରନ୍ତର ବିଦ୍ୟୁତ୍ ସଂଯୋଗ ପାଇଁ ପଦକ୍ଷେପ ନିଆଯାଉଛି।

# ଡକାୟତି ଯୋଜନା ପଣ୍ଡ, ୬ ଗିରଫ

**ବଉଁରପାଳ, ୧୩।୪(ଡି.ଏନ.ଏ.)**

ବଉଁରପାଳ ଥାନା ବଉଳିଗଡ ଜଙ୍ଗଲ ନିକଟରେ ଶୁକ୍ରବାର ରାତିରେ ଏକ ୬ ଜଣିଆ ଗ୍ୟାଙ୍ଗ କରୁଥିବା ଡକାୟତି ଯୋଜନା ପଣ୍ଡ ହୋଇଛି। ସୂଚନା ପାଇ ପୋଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଣିହାଁ ଥାନା ଅଞ୍ଚଳର ପ୍ରଦୀପ ନାୟକ(୩୫), ଶିବାଜୀ ନାୟକ(୧୯), ଅକ୍ଷୟ ନାୟକ(୩୦), ବାସି ନାୟକ(୨୧), ବସନ୍ତ ନାୟକ(୨୨) ଓ ଲିକୁ ନାୟକ (୩୦)। ସେମାନଙ୍କଠାରୁ ୨ ବାଇକ୍, ଏକ ମାଉଜର, ଭୁଜାଲି ଓ ମଦ ଆଦି ଜବତ କରାଯାଇଛି। ଏ ସଂକ୍ରାନ୍ତରେ ବଉଁରପାଳ ଥାନାରେ ନଂ. ୧୧୧/୧୯ରେ ଏକ ମାମଲା ରୁଜୁ ହୋଇଛି।

## ବିଭିନ୍ନ ସ୍ଥାନରେ ରାମନବମୀ ପାଳିତ

**ଛେଣ୍ଡିପଦା/କଣିହାଁ ୧୩।୪(ସ୍ୱ.ପ୍ର.) (ଡି.ଏନ.ଏ.)**

ଛେଣ୍ଡିପଦା ବ୍ଳକ ବରସାହି ପଞ୍ଚାୟତ ଖମାର ଗଉଡ଼ନାଳି ସାହିରେ ରାମ ନବମୀ ପାଳିତ ହୋଇଯାଇଛି। ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଗ୍ରାମ୍ୟ ଦେବୀ ମା’ ଝାରୀବୁଢ଼ୀଙ୍କୁ ନେଇ ଅରାଡୁଆ ନିକଟରେ ପୂଜାପାଠ କରିବା ସହ ୧୦୮ କଳସରେ ପାଣି ନେଇ ଯଜ୍ଞ ମଣ୍ଡପ ସ୍ଥାପନ କରିଥିଲେ। ପରେ ପ୍ରଭୁ ରାମଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ୧୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ରାମ ନବମୀ ପୂଜା କମିଟି ସଭାପତି ତୀର୍ଥବାସୀ ସାହୁ, ଉପ ସଭାପତି ଶିବରାମ ମାଝି, ସମ୍ପାଦକ ଦେବରଞ୍ଜନ ମାଝି, ରାଜୁ ମାଝି ପ୍ରମୁଖ ସହଯୋଗ କରିଥିଲେ। ସେହିପରି ରାଇଝରଣ, କୋଶଳା, ଛେଣ୍ଡିପଦା ଆଦି ଅଞ୍ଚଳରେ ଏହି ଉତ୍ସବ ପାଳିତ ହୋଇଯାଇଛି। ସେହିପରି କଣିହାଁ ବ୍ଳକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ଏଥିଯୋଗୁ ବିଜିଗୋଳ, ହନୁମାନପୁର, ଡେରେଙ୍ଗ ଚଳଚଞ୍ଚଳ ହୋଇଉଠିଛି। ଏନ୍‌ଟିପିସି ବଜାର ନିକଟସ୍ଥ ଗ୍ରାମ, ଡେରେଙ୍ଗ ରାମ ମନ୍ଦିରରେ ଉତ୍ସବ ପାଳନ କରାଯାଇଥିଲା।

## କାରାଗାରରେ ଆଇନ ସଚେତନତା ଶିବିର




ଶିବିରରେ ଯୋଗଦେଇଥିବା ଅତିଥି ଓ ଅଧିକାରୀ।

**ଅନୁଗୋଳ ଅଫିସ, ୧୩।୪**

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଗୋଳ କାରାଗାରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରେଜିଷ୍ଟ୍ରାର ପ୍ରଣତି ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ପ୍ରୋବେସନର ସୁହାନି ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ପ୍ରାଧିକରଣ ସଚିବ ଅଭିନନ୍ଦିତା ପଣ୍ଡା, ପ୍ରୋବେସନର ତାରିଣୀ ପ୍ରସାଦ ସାହୁ, ଚରଣ କୁମାର ଜେନା, ହିମାଂଶୁ ଶେଖର ଆଚାର୍ଯ୍ୟ, ଦୀପ୍ତିମୟୀ ସାହୁ, ଅସିତ କୁମାର ସାହୁ, ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ରାଜ କୁମାର ସାହୁ, ଜେଲର ଋଷି କୁମାର ସାହୁ, ପିଡବ୍ଲ୍ୟୁଓ ମାନସ ରଞ୍ଜନ ପୁଷ୍ପାଳକ, ଆଇନଜୀବୀ ବସନ୍ତ କମାର ଦାସ ଓ ପ୍ରାଧିକରଣ ସଚିବ ପର୍ଶୁରାମ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାରାଗାର ମଧ୍ୟରେ କାଳାତିପାତ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ନ୍ୟାୟ ପାଇବାର ଅଧିକାର ରହିଛି। ତେଣୁ ନିଜକୁ ପରିବର୍ତ୍ତନରେ ସାମିଲ କରିବା ସହିତ ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ପରିଚିତ କରାଇ ପାରିଲେ ଜୀବନ ସାର୍ଥକ ହୋଇପାରିବ ବୋଲି ଅତିଥିମାନେ ବୁଝାଇଥିଲେ। ଏଥିସହିତ ପ୍ରୋଜେକ୍ଟର ମାଧ୍ୟମରେ କେଉଁମାନେ ଆଇନ ସହାୟତା ପାଇବାର ଅଧିକାରୀ ସେ ସମ୍ପର୍କରେ ଏକ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ବିଚାର ବିଭାଗୀୟ ଅଧିକାରୀମାନେ ମହିଳା କାରାଗାରକୁ ଯାଇ ସେମାନଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ